## ସଂକ୍ଷେପରେ

### ରୂପକଣା-କାଶୀପୁର ରାସ୍ତା କାମ ନିମ୍ନମାନର ଅଭିଯୋଗ



ଟିକିରି,୧୦।୩(ଡି.ଏନ୍.ଏ.)-କାଶୀପୁର ବ୍ଲକଠାରୁ ରୂପକଣା ପର୍ଯ୍ୟନ୍ତ ମୁଖ୍ୟରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତାରେ ନିମ୍ନମାନର ପିଚୁ ପଡିଥିବା ସମାଜିକ କର୍ମୀ ପ୍ରସନ୍ନ କୁମାର ପୂଜାରୀ ଅଭିଯୋଗ କରିବା ପରେ କାର୍ଯ୍ୟ ବନ୍ଦ ରଖାଯାଇଥିବା ଜଣାପଡିଛି। ପରେ ଅଞ୍ଚଳବାସୀ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। କାଳିଆପଡା ଘାଟି ତଳକୁ ବୁଲାଣି ରାସ୍ତାରୁ ପିଚୁ ଉଠିଯାଉଛି। ସମାଜିକ କର୍ମୀ ପୂଜାରୀ ଏ ନେଇ ବିଭାଗୀୟ ଯନ୍ତ୍ରୀ, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ପ୍ରଶାସନିକ ଅଧିକାରୀମାନେ ଯାତାୟତ କରୁଥିଲେ ମଧ କାହାର କିଭଳି ନଜର ପଡୁନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପରେ ଉକ୍ତ କାର୍ଯ୍ୟ କରିଥିବା ଠିକାଦାରଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହାକୁ ଅପେକ୍ଷା କରାଯାଇଛି।

### ରେଡକ୍ରସ୍ କୋଠାରେ ହେବ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର

କୋରାପୁଟ,୬।୩(ସ୍ୱ.ପ୍ର.)- କୋରାପୁଟ ସହରର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ରେଡକ୍ରସର ପୁରାତନ କୋଠାରେ ଖୁବ ଶୀଘ୍ର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ହେବ ବୋଲି ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କହିଛନ୍ତି। ଏବେ ଏହାର ପୁନରୁଦ୍ଧାର କରାଯାଉଛି। ସୋମବାର ଏଠାକୁ ଯାଇ ଜିଲାପାଳ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀ, ଏନ୍ଏଚଏମ୍ର ଜିଲା ସଂଯୋଜକ ଶୁଭକାନ୍ତ ଗନ୍ତାୟତ ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉପସ୍ଥିତ ଥିଲେ।

### ଆଶ୍ରମ ବିଦ୍ୟାଳୟ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

କାଲିମେଲା,୧୦।୩(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଗିରିକାନପଲ୍ଲୀ ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଶୁକ୍ରବାର ସନ୍ଧ୍ୟାରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ବିଜୟ ମାଡକାମି (୮)। ବିଜୟ ତୃତୀୟ ଶ୍ରେଣୀରେ ପଢୁଥିଲେ। ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନନ୍ଦ ମୁଦୁଲି ଶୁକ୍ରବାର ଅନୁପସ୍ଥିତ ଥିବା ବେଳେ ଶିକ୍ଷକ ଅନିରୋଧ ଦାସ ଦାୟିତ୍ୱରେ ଥିଲେ। ଘଟଣା ସମ୍ପର୍କରେ ତାଙ୍କୁ ପଚାରିବାରୁ ବିଜୟଙ୍କୁ ସାପ କାମୁଡ଼ିଥିବା କହିଛନ୍ତି। ତେବେ ବିଦ୍ୟଳୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଜଣାଇ ନ ଥିବା ବିଜୟଙ୍କ ବାପା ତଥା ପଡିଆ ବ୍ଲକ ବାପନପାଲୀ ପଞ୍ଚାୟତ ଗଠନପାଲି ଗ୍ରାମର ପଦିଆ ମାଡକାମି ଅଭିଯୋଗ କରିଛନ୍ତି। ସେମାନେ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ଠାରୁ ନିଜ ପିଲା ବିଷୟରେ ଜାଣି ମେଡିକାଲ ପହଞ୍ଚିବା ବେଳକୁ ବିଜୟଙ୍କ ମୃତ୍ୟୁ ଘଟି ସାରିଥିଲା। ଏହାର ଠିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଡାକଘରେ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗ

### ଲୋକଙ୍କ ଟଙ୍କା ଯୈଠ ନ କରି ଗାଏବ କରିଛନ୍ତି ପୋଷ୍ଟ ମାଷ୍ଟର

ରାୟଗଡ଼ା,୧୦।୩(ସ୍ୱ.ପ୍ର.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ କୁମ୍ଭାରଢ଼ାମୁଣିସ୍ଥିତ ଡାକଘରେ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱର ଠକେଇ ହୋଇଥିବା ଜିଲାପାଳଙ୍କ ନିକଟରେ ଜମା ଖାତାଧାରୀମାନେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଯିବ ବୋଲି ଡାକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନା ଅନୁଯାୟୀ, କୁମ୍ଭାରଢ଼ାମୁଣୀ ପଞ୍ଚାୟତରେ ଥିବା ଡାକଘରେ କାର୍ଯ୍ୟରତ ପୋଷ୍ଟ ମାଷ୍ଟର ଲୋକଙ୍କ ଖାତା ଖୋଲିବା ଆଳରେ ନକଲି ଆକାଉଣ୍ଟ ନମ୍ବର ପକାଇ ପାସବୁକ ଦେଉଥିଲେ। ଅଞ୍ଚଳର ନିରୀହ ଜନସାଧାରଣ ଏହା ନ ଜାଣିପାରି ବିଭିନ୍ନ ପ୍ରକାରର ଆକାଉଣ୍ଟ ଖୋଲି ଟଙ୍କା ରଖୁଥିଲେ ମଧ ତାହା ଆକାଉଣ୍ଟରେ ଜମା ହେଉନାହିଁ। ଏହାର କାରଣ ହେଉଛି ପାସବୁକ୍ରେ ଲେଖାଥିବା ଆକାଉଣ୍ଟ ନମ୍ବର ନକଲି। ଏହି ଆଳରେ ଲୋକଙ୍କ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି ପୋଷ୍ଟମାଷ୍ଟର। ଏଭଳିକି ଜୁନ ମାସରେ ୩୦ ଦିନ ରହିଥିବା ବେଳେ ୩୧.୬.୨୦୧୩ ତାରିଖ ପକାଇ ଏକ ଏନଏସସି ଆକାଉଣ୍ଟ ମଧ୍ୟ ଖୋଲାଯାଇଛି। ଏନଏସସି ଯୋଜନା ଅଧୀନରେ ୧୦ବର୍ଷ ୩ମାସ ଅବଧି ବିଶିଷ୍ଟ ଏକ ଫିକ୍ସଡ଼ ଡିପୋଜିଟ ତୁଳସୀ ପିଡ଼ିକାକା ନାମକ ଜଣେ ମହିଳାଙ୍କ ନାମରେ ହୋଇଛି। ତୁଳସୀ ଏଥିରେ ୨୦ ହଜାର ଟଙ୍କା ଜମା କରିଛନ୍ତି। ଉକ୍ତ ଡିପୋଜିଟର ମାଚ୍ୟୁରିଟି ୩୦ ସେପ୍ଟେମ୍ବର ୨୦୨୩ରେ ସମ୍ପୂର୍ଣ୍ଣ ହେବାକୁ ଥିବା ବେଳେ ସେ ୪୦ହଜାର ୬୯୦ଟଙ୍କା ପାଇବେ ବୋଲି ଜମାଖାତାରେ ଲେଖା ହୋଇଛି। ତେବେ ତୁଳସୀଙ୍କ ସ୍ୱାମୀ ପୋଷ୍ଟ ଅଫିସରେ ଯାଇ ବୁଝିବା ବେଳେ ସେଭଳି କୌଣସି ଆକାଉଣ୍ଟ ଖୋଲାଯାଇ ନ ଥିବା ଜଣାପଡ଼ିଛି। ସେହିଭଳି ସୁକନ୍ୟା ଯୋଜନାରେ ନକଲି ଆକାଉଣ୍ଟ ଖୋଲିବା



ଠକେଇର ଶିକାର ହୋଇଥିବା ୨ଜମାକାରୀ।

ସହ କିଛି ଆକାଉଣ୍ଟରେ ଟଙ୍କା ପୈଠ ନ କରି ପୋଷ୍ଟ ମାଷ୍ଟର ଉକ୍ତ ଟଙ୍କା ଚଳୁ କରିଦେଇଥିବା ଅଭିଯୋଗ ହୋଇଛି। କୁମ୍ଭାରଢ଼ାମୁଣିର ସୁରେଶ ସାହୁ ନିଜ ଝିଅ ନାମରେ ସୁକନ୍ୟା ଯୋଜନାରେ ଆକାଉଣ୍ଟ ଖୋଲିଥିଲେ। ଏଥିରେ ସେ ୧ଲକ୍ଷ ୩୦ହଜାର ଟଙ୍କା ଜମା କରିଥିଲେ। କିନ୍ତୁ ପୋଷ୍ଟମାଷ୍ଟର ଉକ୍ତ ଆକାଉଣ୍ଟରେ ଟଙ୍କା ଜମା କରି ନ ଥିଲେ। ସୁରେଶ ଏହା ଜାଣିବା ପରେ ପାଟି କରିବାରୁ ତାଙ୍କୁ ଟଙ୍କା ଫେରସ୍ତ କରିଥିଲେ। ସେହିପରି ଦାମୋଦର ଲାବଲାଙ୍କ ମୃତ୍ୟୁ ବେଳକୁ ତାଙ୍କ ଆକାଉଣ୍ଟରେ ୨୦ହଜାର ଟଙ୍କା ଥିଲା। ତାଙ୍କ ପରିବାରବର୍ଗ ଲିଗାଲ ହେୟାର ସାର୍ଟିଫିକେଟ ନେଇ ଟଙ୍କା ଉଠାଇବାକୁ ଯିବା ବେଳେ ସେଥିରେ ମାତ୍ର ୧୪୦ଟଙ୍କା ରହିଥିବା ପୋଷ୍ଟମାଷ୍ଟର କହିଥିଲେ। ଏହା ଲୋକଲୋଚନକୁ ଆସିବା ପୂର୍ବରୁ ଡରରେ ପୋଷ୍ଟମାଷ୍ଟର ସମସ୍ତ ଟଙ୍କା ଫେରସ୍ତ କରିଥିଲେ। ପୋଷ୍ଟମାଷ୍ଟରଙ୍କ ବିରୋଧରେ ଏଭଳି ଅନେକ ଅଭିଯୋଗ ଆସିଥିବା ବେଳେ ସତ ଧରାପଡ଼ିଲେ ଚାକିରି ଚାଲିଯିବା ଭୟରେ ସେ ଲୋକଙ୍କୁ ଟଙ୍କା ଫେରସ୍ତ କରୁଛନ୍ତି ବୋଲି ଅଭିଯୋଗକାରୀ ରାମଚନ୍ଦ୍ର ପିଡ଼ିକାକା କହିଛନ୍ତି। ଏ ନେଇ ଡାକ ବିଭାଗର ରାୟଗଡ଼ା ଜୋନାଲ ଅଧୀକ୍ଷକ ଜବାହାରଲାଲ ରାଓଙ୍କୁ ପଚାରିବାରୁ ଏହାର ନିରପେକ୍ଷ ତଦନ୍ତ କରାଯିବା ସହ କୁମ୍ଭାରଢ଼ାମୁଣି ପୋଷ୍ଟ ଅଫିସରେ ଥିବା ପ୍ରତ୍ୟେକ ଆକାଉଣ୍ଟକୁ ନିଜେ ଯାଞ୍ଚ କରିବେ ବୋଲି କହିଛନ୍ତି। ଯଦି କୌଣସି ହେରଫେର ଘଟଣା ସାମ୍ନାକୁ ଆସେ, ତାହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ବଜ୍ରପାତରେ ଜଳିଲା ନଡ଼ିଆ ଗଛ



ଟିକିରି,୧୦।୩(ଡି.ଏନ୍.ଏ.)

କାଶୀପୁର ବ୍ଲକ ପୋଡାପାଡି ପଞ୍ଚାୟତରେ ଶୁକ୍ରବାର ସନ୍ଧ୍ୟାରେ ବଜ୍ରପାତ ସହ ଅଳ୍ପ ବର୍ଷା ହୋଇଛି। ବଜ୍ରପାତରେ ମୁଣ୍ଡାଗାଁ ଗ୍ରାମର ଉଦୟ ପାତ୍ରଙ୍କ ନଡ଼ିଆ ଗଛ ଜଳିବା ଆରମ୍ଭ କରିଥିଲା। ପରିବାର ଲୋକେ ଜୀବନ ବଞ୍ଚାଇବା ପାଇଁ ଘରୁ ବାହାରି ଆସି ନଡିଆ ଗଛ ଜଳୁଥିବା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ପରେ ଦମକଳ କେନ୍ଦ୍ରକୁ ଫୋନ କରିଥିଲେ। ନିଆଁ ଉଡି ଅନ୍ୟ କେଉଁଠିକୁ ବ୍ୟାପିଯିବା ସମ୍ଭାବନା ଥିବାରୁ ଗ୍ରାମବାସୀ ଭୟଭୀତ ହୋଇ ପଡିଥିଲେ। ତେବେ ପରେ ହୋଇଥିବା ବର୍ଷାରେ ନିଆଁ ଲିଭିଥିଲେ ମଧ ଗଛ ପୋଡିଯାଇଛି। ଉଦୟ ନଡିଆ ବିକି ତାଙ୍କ ପରିବାର ଗୁଜୁରାଣ ମେଣ୍ଟାଉଥିବା ବେଳେ ଏବେ ଭାଙ୍ଗି ହତାଶ ହୋଇଛନ୍ତି। ତାଙ୍କୁ କିଛି ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

### କୋରାପୁଟର ଧର୍ମାନୁଷ୍ଠାନଗୁଡିକର ଭିତ୍ତିଭୂମି ବିକାଶ ହେବ

#### ୩ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କଲେ ସରକାର

କୋରାପୁଟ,୧୦।୩(ସ୍ୱ.ପ୍ର.)- କୋରାପୁଟ ଜିଲାରେ ଥିବା ବିଭିନ୍ନ ଧର୍ମାନୁଷ୍ଠାନର ଭିତ୍ତିଭୂମିର ବିକାଶ ଲାଗି ରାଜ୍ୟସରକାର ୩ କୋଟି ୮୦ ଲକ୍ଷ ଟଙ୍କା ଅନୁମୋଦନ କରିଥିବା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ରଘୁରାମ ପଡାଲ ସୂଚନା ଦେଇଛନ୍ତି। ଏହି ଅର୍ଥ କୋରାପୁଟ ଜିଲାର ଥିବା ମନ୍ଦିର, ମସଜିଦ ଓ ଚର୍ଚ୍ଚଗୁଡିକର ଭିତ୍ତିଭୂମି ବିକାଶରେ ଖର୍ଚ୍ଚ କରାଯିବ ବୋଲି ଜଣାଯାଇଛି। ଏହି ଅର୍ଥ ଅନୁମୋଦାନ ପାଇଁ ବିଧାୟକ ପଡାଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ପ୍ରସ୍ତୁତି ବୈଠକ

ରାୟଗଡ ଅଫିସ,୧୦।୩

ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ମୁକାବିଲା ପାଇଁ ରାୟଗଡା ଜିଲାସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଭର୍ଚୁଆଲ ମାଧମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଅଧ୍ୟକ୍ଷତା କରି ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହ ଏବଂ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ସେ ବିଷୟରେ ଜିଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏବେଠୁ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବା ଆଶଙ୍କା ରହିଛି। ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜନଜୀବନ ପ୍ରତି ବିପଦ ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆର୍ଏସ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା। ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ, ଏନଏସି ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଜଳକ୍ଲିଷ୍ଟ ଗ୍ରାମଗୁଡିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବା ନିମନ୍ତେ ଜିଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି। ଅଚଳ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ଦିନ ୧୧ଟା ପରେ ବାହରକୁ ଗଲେ ସାଙ୍ଗରେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ନେବା ଲାଗି ଜିଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଞ୍ଚାୟତ ଜନପ୍ରତିନିଧିମାନଙ୍କୁ ନେଇ ଜନସଚେତନତା କରାଯିବ। ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ ନ ହେବ, ଗୃହପାଳିତ ପ୍ରାଣୀମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଉଡ ଲାଇନ ଅନୁଯାୟୀ ସକାଳେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତଜନିତ ମୃତ୍ୟୁ ହେଲେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ଗୁଣପୁର ଉପଜିଲାପାଳ ଲଳିତ କହ୍ନର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ମାନେ ଉପସ୍ଥିତ ଥିଲେ।

## ୧୦,୭୦୫ ପିଲା ଦେଲେ ମାଟ୍ରିକ ପରୀକ୍ଷା



ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି।

ରାୟଗଡା ଅଫିସ,୧୦।୩

ରାୟଗଡ଼ା ଜିଲାରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ଶୁକ୍ରବାର ଶାନ୍ତିଶୃଙ୍ଖଳାରେ ସରିଛି। ଏହି ଦ୍ୱିତୀୟ ସମ୍ମେଟିଭ ଆସେସମେଣ୍ଟ ପରୀକ୍ଷା ଜିଲାର ୫୮ କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ଏସବୁ ପରୀକ୍ଷା କେନ୍ଦ୍ରରେ ମୋଟ ୧୧,୧୪୮ ଜଣ ପରୀକ୍ଷା ଦେବା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ପ୍ରଥମ ଦିନ ୧୦, ୭୦୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୪୪୩ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବା ପାଇଁ ୪୪ ଜଣ ଫର୍ମ ପୂରଣ କରିଥିବା ବେଳେ ୩୨ ଜଣ ପରୀକ୍ଷା ଦେଇଛନ୍ତି। ୧୨ ଜଣ ଅନୁପସ୍ଥିତ

### ରାୟଗଡ଼ା ଜିଲା

ଥିଲେ। ସକାଳୁ ନୋଡାଲ ସେଣ୍ଟରରୁ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ନିଆଯାଇଥିଲା। ରାୟଗଡ଼ା ସହରର ଜିସିଡ଼ି ହାଇସ୍କୁଲରେ ୩୨୮ ଜଣଙ୍କ ମଧ୍ୟରୁ ୩୧୩ ଜଣ ପରୀକ୍ଷା ଦେଇଥିବା ବେଳେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ୨୨୭ ଜଣରୁ ୨୨୦ ଜଣ, ଜେସ କୋ ହାଇସ୍କୁଲରେ ୧୯୭ ଜଣଙ୍କ ମଧ୍ୟରୁ ୧୬୩ ଜଣ ଏବଂ ଗୋପବନ୍ଧୁ ମ୍ୟୁନିସିପାଲିଟି ହାଇସ୍କୁଲରେ ୨୮୦ ଜଣ ରୁ ୨୭୨ ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ କପି ରୋକିବାକୁ ଫ୍ଲାଇଁ ସ୍କ୍ୱାର୍ଡ ବ୍ୟବସ୍ଥା ହୋଇଛି।

## ଜମି, ଜଳ, ଜଙ୍ଗଲ ଅଧିକାର ଦାବି ନେଇ ଆନ୍ଦୋଳନ ନିଷ୍ପତ୍ତି

ଗୁଣପୁର,୧୦।୩(ଡି.ଏନ.ଏ)

ଜମି, ଜଳ, ଜଙ୍ଗଲ ଅଧିକାର ପାଇଁ ରାୟଗଡା ଜିଲା ରାମନାଗୁଡା ବ୍ଲକ ଗୁଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ତାମିଲଗୁଡାଠାରେ ବ୍ଲକସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାମନାଗୁଡା ବ୍ଲକର ଅନେକ ଅଞ୍ଚଳରେ ଆଦିବାସୀଙ୍କ ଜମିକୁ ଆନ୍ଧ୍ର ଅଣ ଆଦିବାସୀମାନେ ଦଖଲ କରିନେଇଛନ୍ତି। ଆଦିବାସୀମାନେ କିପରି ଜମି ଫେରି ପାଇବେ ସେ ନେଇ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନି। ଏହା ପ୍ରତିବାଦରେ ଆସନ୍ତା ୨୩ ତାରିଖରୁ ରାମନାଗୁଡା ତହସିଲ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଆଲୋଚନା ହୋଇଥିବା ଦାବି ମଧ୍ୟରେ ତାମିଲଗୁଡା ଗ୍ରାମରେ ଥିବା ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ,ଗୋଗୁପାଡୁ ପଞ୍ଚାୟତ ଲାଉଗୁଡା ଗ୍ରାମରେ ଆନ୍ଧ୍ରର କିଛି ଲୋକ ଜମି ହଡପ





ବୈଠକରେ ଆଲୋଚନା ଚାଲିଛି।

କରଛନ୍ତି, ସେମାନଙ୍କଠାରୁ ଜମି ବାହାର କରି ଆଦିବାସୀଙ୍କୁ ବଣ୍ଟନ କରିବା, ଏହି ଘଟଣାରେ ହୋଇଥିବା ବେଆଇନ ରେଜିଷ୍ଟ୍ରିର କ୍ରାଇମବ୍ରାଞ୍ଚ ତଦନ୍ତ,ସମସ୍ତ ପଞ୍ଚାୟତରେ ଜଙ୍ଗଲ, ଜମି, ଘର ଡିହ ପଟ୍ଟା ପ୍ରଦାନ, କେରାଣ୍ଡିଗୁଡାକୁ ଯାତାୟାତ ପାଇଁ ବ୍ରିଜ ନିର୍ମାଣ, ଜବ କାର୍ଡଧାରୀମାନଙ୍କ ଖାତାକୁ ଅପବ୍ୟବହାର କରି ଟଙ୍କା ଠକୁଥିବା ଠିକାଦାର ଓ ଅନ୍ୟ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ସମସ୍ତ ଜବ କାର୍ଡ ଧାରୀଙ୍କୁ ଏମଜିଏନ୍ଆରଇଜିଏସ୍ରେ ୨୦୦ ଦିନର କାମ ସହ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ ଆଦି ଦାବି ସମ୍ପର୍କରେ ବୈଠକେର ଆଲୋଚନା ହୋଇଥିଲା। ବୈଠକରେ ସିପିଆଇଏମଏଲର ଜିଲା ସଂପାଦକ ତ୍ରିପତି ଗମାଙ୍ଗଙ୍କ ସମେତ ଦାସୁରୁ ପାତିକା,ଛାନ୍ତି ମାଣ୍ଡାଙ୍ଗି, ହରିଶ୍ଚନ୍ଦ୍ର ନିମାଲା, ଗୁଝୁଂଡୁ ଶବର, ସନ୍ୟା ଶବର, ଏଲିଅ ବିଡିକା, ରମେଶ ବିଡିକା, ମୋଜେସ ବିଡିକା, ଗୋବିନ୍ଦ ପାତିକା ପ୍ରମୁଖ ଉପସ୍ଥିତ ରହିଥିଲେ।

## ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ଦାବି

ରାୟଗଡ଼ା,୧୦।୩(ସ୍ୱ.ପ୍ର.)

ରାଜ୍ୟରେ ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ ସରକାର ଏଥିରେ ବିଳମ୍ବ କରୁଛନ୍ତି। ତେବେ ଓଡିଶା ବ୍ରାହ୍ମଣ ମହାସଂଘ ସୋସାଇଟି ଆକ୍ଟ ୧୮୬୦ ଅନୁଯାୟୀ ପଞ୍ଜୀକୃତ ହେବା ସହିତ ଭାରତର ଅଖଣ୍ଡତାର ସୁରକ୍ଷା, ଆଧାତ୍ମିକତାର ପ୍ରସାର କାର୍ଯ୍ୟ ଓ ହିନ୍ଦୁ ଧର୍ମର ରକ୍ଷା ପାଇଁ କାର୍ଯ୍ୟ କରୁଛି। ଓଡିଶାରେ ବର୍ତ୍ତମାନ ୩୮ ଲକ୍ଷ ବ୍ରାହ୍ମଣ ବସବାସ କରୁଛନ୍ତି। ଜାତିଭିତ୍ତିକ ସଂରକ୍ଷଣରେ ବ୍ରାହ୍ମଣମାନେ ବିଭିନ୍ନ ସମୟରେ ନିନ୍ଦିତ ହେଉଛନ୍ତି। ବର୍ତ୍ତମାନ ଅନେକ ବ୍ରାହ୍ମଣ ଅସହାୟ ଓ ଅବହେଳିତ ଅବସ୍ଥାରେ ରହିଛନ୍ତି। ପଞ୍ଜାବ, ତେଲେଙ୍ଗାନା, କର୍ନାଟକ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ସରକାର ବ୍ରାହ୍ମଣ କଲ୍ୟାଣ ନିଗମ କରିଛନ୍ତି। ହେଲେ ଆମ ରାଜ୍ୟରେ ଏହା ଗଠନ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ କରାଯାଇଛି। ତେଣୁ ତୁରନ୍ତ ନିଗମ ଗଠନ ପାଇଁ ଜିଲା ବ୍ରାହ୍ମଣ ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଦାବିପତ୍ରକୁ ଗ୍ରହଣ କରିଛନ୍ତି। ସଂଘର ଜିଲା ସଭାପତି ମଦନ ମୋହନ ପାଢୀ, ସାଧାରଣ ସମ୍ପାଦକ କିଶୋର ପଣ୍ଡା, ରଞ୍ଜନ କୁମାର ରଥ, ଅରୁଣ ପାଣିଗ୍ରାହୀ, ସୁରେଶ ଦାସ, ଅଜୟ ରଥ, ଗୋପ ରଞ୍ଜନ ବକ୍ସିପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ଲାଗି ଦାବି ପତ୍ର ପ୍ରଦାନ କରାଯାଉଛି।

## କୋରାପୁଟ ସହରରେ କୋଟିଆ ଷ୍ଟ୍ରବେରି

### ୨ଶହ ଗ୍ରାମ ପ୍ୟାକେଟର ମୂଲ୍ୟ ରହିଛି ଶହେ ଟଙ୍କା

କୋରାପୁଟ,୧୦।୩(ସ୍ୱ.ପ୍ର.)

ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଉତ୍ପାଦିତ କୋଟିଆ ଷ୍ଟ୍ରବେରି ଏବେ କୋରାପୁଟ ସହରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସହରର କଳାନିକେତନ ଛକ ନିକଟରେ ଥିବା କୋରାପୁଟ କଫି ପଏଣ୍ଟ ସମ୍ମୁଖରେ ସତେଜ ଷ୍ଟ୍ରବେରି ବିକ୍ରି ହେଉଥିଲା। ୨୦୦ ଗ୍ରାମ ଷ୍ଟ୍ରବେରି ପ୍ୟାକେଟର ମୂଲ୍ୟ ଶହେ ଟଙ୍କା ରଖାଯାଇଛି। ଗାଲିପଦର ଷ୍ଟ୍ରବେରି ଉତ୍ପାଦକ ସଂଘ କର୍ମକର୍ତ୍ତା କୋରାପୁଟରେ ଏହାକୁ ବିକ୍ରି କରୁଛଥିବା ଜଣାପଡିଛି। ପୂର୍ବରୁ ମାଣ୍ଡିଆ ଓ ସୁଆଁ ଚାଷ କରୁଥିଲୁ। ବର୍ତ୍ତମାନ ଉକ୍ତ ଜମିରେ ଷ୍ଟ୍ରବେରି ଚାଷ କରି ବିକ୍ରି କରୁଛୁ ବୋଲି ସେମାନେ କହିଥିଲେ। ୭ ଏକର ଜମିରୁ ଉତ୍ପାଦିତ ହେବାକୁ ଥିବା ଷ୍ଟ୍ରବେରିକୁ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଚାଷୀ ଆଂଶୁମାନ ପାଙ୍ଗି କହିଛନ୍ତି। କୋରାପୁଟ ଆଇଟିଡିଏ ତରଫରୁ ଡୋଲିଆମ୍ବରେ ୫ ଏକର ଜମିରେ ଷ୍ଟ୍ରବେରି ଚାଷ କରାଯାଇଥିଲା। ଚଳିତ ବର୍ଷ କୋଟିଆ ପଞ୍ଚାୟତର ଫାଟୁସିନେରୀ ଓ ଜାନିଗୁଡାରେ ୨୦ ଏକର ଜମିରେ ଷ୍ଟ୍ରବେରି ଚାଷ କରାଯାଇଥିବା ପ୍ରୋଗ୍ରାମ ମ୍ୟାନେଜର ସତ୍ୟରଞ୍ଜନ ମହାନ୍ତି କହିଛନ୍ତି। ସେହିପରି ଗାଲିଗବଦରରେ ୭ ଏକର ଜମିରେଷ୍ଟ୍ରବେରି ଚାଷ କରାଯାଇଛି। ଚଳିତ ବର୍ଷ ଭୁବେନେଶ୍ୱରରେ ଆୟୋଜିତ ଆଦିବାସୀ ମେଳାରେ କୋଟିଆର ଷ୍ଟ୍ରବେରି ବିକ୍ରି ନେଇ ଏକ ଷ୍ଟଲ ଖୋଲାଯାଇଥିଲା। ଏହି ଷ୍ଟ୍ରବେରିର ବେଶ୍ ଚାହିଦା ରହିଥିଲା ବୋଲି ମହାନ୍ତି କହିଛନ୍ତି।





ଷ୍ଟ୍ରବେରି ବିକ୍ରି କରୁଥିବା ୨ ଚାଷୀ।

## ମୁନିଗୁଡ଼ାକୁ ଏନ୍ଏସି ଓ ଉପଖଣ୍ଡ ମାନ୍ୟତା ଦାବି ଜୋର୍ ଧରିଲା

ମୁନିଗୁଡା,୧୦।୩(ଡି.ଏନ୍.ଏ.)

ରାୟଗଡା ଜିଲାର ବ୍ୟବସାୟୀ ନଗରୀ ମୁନିଗୁଡାକୁ ଏନ୍ଏସି ଓ ଉପଖଣ୍ଡ ମାନ୍ୟତା ଦାବି ଜୋର ଧରିବାରେ ଲାଗିଛି। ଶୁକ୍ରବାର ଏହି ଦାବି ନେଇ ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାୟ ୪ବର୍ଷ ହେଲା ମୁନିଗୁଡା ବିକାଶ ପରିଷଦ ନେତୃତ୍ୱରେ ଅଞ୍ଚଳର ୨୨ଟି ଅନୁଷ୍ଠାନ ମୁନିଗୁଡାକୁ ଏନଏସି ଓ ଉପଖଣ୍ଡ ମାନ୍ୟତା ପାଇଁ ସଂଗ୍ରାମ କରି ଆସୁଛନ୍ତି। ଏହି କ୍ରମରେ ବିଗତ ବର୍ଷରେ ମୁନିଗୁଡ଼ାରୁ ଏକ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ବିଧାୟକଙ୍କ ସହିତ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ, ବ୍ୟକ୍ତିଗତ ସଚିବ, ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ହେଲେ ଏ ଯାଏ ତାହା କାର୍ଯ୍ୟକାରୀ ହେଲାନାହିଁ।



ଦାବିପତ୍ର ପ୍ରଦାନ କରାଯାଉଛି।

ତେଣୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

ମୁନିଗୁଡା ବିକାଶ ପରିଷଦ ସଭାପତି ଘନଶ୍ୟାମ ମାର୍ଥା, ଉପ ସଭାପତି ଭୀମ ବେହେରା, ସୁବାସ ଗୌଡ଼, ସମ୍ପାଦକ ମାନସ ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ସୁଦାମ ଚରଣ ପଣ୍ଡା, କେ.ରାଜେଶ, କୋଷାଧକ୍ଷ ମନୋଜ ସାହୁଙ୍କ ମିଳିତ ନେତୃତ୍ୱ ଏବଂ ମର୍ଚ୍ଚାଣ୍ଟ ଆସୋସିଏଶନର ସଭାପତି ଚିନ୍ତାମଣି ସାହୁ ଓ ସମସ୍ତ ସହଯୋଗୀ ଅନୁଷ୍ଠାନର ମୁଖ୍ୟଙ୍କ ମାର୍ଗଦର୍ଶନକ୍ରମେ ଶାନ୍ତିଶୃଙ୍ଖଳାରେ ଶୋଭାଯାତ୍ରା ବାହାରିଥିଲା। ମୁନିଗୁଡା ବିକାଶ ପରିଷଦ କର୍ମକର୍ତ୍ତାଙ୍କ ସହିତ ଭାଜପା ନେତା ରାମଚନ୍ଦ୍ର ବେହେରା,ନରେନ୍ଦ୍ର ନାଗ,ଗରିବ ଗରଡ଼ିଆ, କଂଗ୍ରେସ ନେତା କେଶବ ସାହୁକାର, ଭାଗିରଥି ନାଗ, ରମେଶ ପାଲକା, ସରପଞ୍ଚ ସରସ୍ୱତୀ ଶବର, ପଦ୍ମନାଭ ବେହେରା, କେ. ସତ୍ୟନାରାୟଣ ବାବୁଜି, କୁମାର ରାଜୁ,ପ୍ରଦୀପ ପରିଚ୍ଛା,ଜାମି ମହେଶ,ଅମ୍ବିକା ନାୟକ, କାଳିଆ ସାହୁ, କେଶବ ରାଜୁ, ଅମ୍ବାଦଲାରୁ ଧ୍ରୁବ ପାଣିଗ୍ରାହୀ, ସୁବାଷ ସେନାପତି, ଗୌତମ ନାଗ, ବଜରଙ୍ଗ ଦଳର ପଦ୍ମ ବେହେରା, ଚନ୍ଦନ ସାହୁ, ଶ୍ୱେତ ଦାସ, ସୁନ୍ଦର ରାଜୁଙ୍କ ସହିତ ଅନେକ ବିଭିନ୍ନ ଦଳର ରାଜନେତା, ବ୍ୟବସାୟୀ, ଖବରଦାତା, ଅଧିବକ୍ତା,ସମାଜିକ କର୍ମୀ, ସାହିତ୍ୟିକ ସାମିଲ ଥିଲେ। ମୁନିଗୁଡ଼ା ବ୍ଲକ ରାୟଗଡ଼ା ଜିଲାରେ ରହିବା ପାଇଁ ଦାବି ହେଉଥିବାବେଳେ ଗୁଣପୁରବାସୀ ଗୁଣପୁରକୁ ଜିଲା ମାନ୍ୟତା ଦାବି କରି ଆସୁଛନ୍ତି। ତେଣୁ ସେଠାରୁ ଏକ ପ୍ରତିନିଧି ମଣ୍ଡଳ ଆସି ମୁନିଗୁଡ଼ାରେ ଏ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ମାତ୍ର ମୁନିଗୁଡ଼ା ରାୟଗଡ଼ା ଜିଲାରେ ରହିବାକୁ ମତ ପ୍ରକାଶ ପାଇଛି।

# ୧୦ଦିନରେ ଦାବି ପୂରଣ ନ ହେଲେ ଜିଲାବ୍ୟାପୀ ଆନ୍ଦୋଳନ ଚେତାବନୀ

- ଆଇଟିଆଇ ଛାତ୍ରୀ ମୃତ୍ୟୁ ଘଟଣା
- ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଦାବିପତ୍ର
- ଉପଯୁକ୍ତ ତଦନ୍ତ କରାଯାଉ ନ ଥିବା ଅଭିଯୋଗ

ଉମରକୋଟ, ୧୦।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟରେ ଥିବା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ)ରେ ଅଧ୍ୟୟନରତ ଦ୍ୱିତୀୟ ବର୍ଷର ଛାତ୍ରୀ ନାଗେଶ୍ୱରୀ ଗଣ୍ଡଙ୍କ ଆତ୍ମହତ୍ୟା ଘଟଣାକୁ ୧୦ଦିନ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ଏହାର ଉପଯୁକ୍ତ ତଦନ୍ତ କରାଯାଉ ନ ଥିବା ଅଭିଯୋଗ କରି ଛାତ୍ର କଂଗ୍ରେସ ଏହାର ବିରୋଧ କରିଛି। ଛାତ୍ର କଂଗ୍ରେସ ସଭାପତି ପବିତ୍ର ଗରଡ଼ାଙ୍କ ନେତୃତ୍ୱରେ କୋଣ୍ଡାଗାଁ ରୋଡ୍‌ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ତହସିଲ ଅଫିସରେ ପହଞ୍ଚିଥିଲା। ତହସିଲଦାର ତୁଳା ମୁଦୁଲିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ମୃତ ନଗେଶ୍ୱରୀଙ୍କ ପରିବାରକୁ ସରକାରୀ ସହାୟତା, ହଷ୍ଟେଲ ମାଟ୍ରନ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତଦନ୍ତ ପରିସର ଭୁକ୍ତ କରିବା, ସିସି କ୍ୟାମେରାକୁ ଅନୁଧ୍ୟାନ କରାଯାଉ ବୋଲି ଦାବି କରିଛନ୍ତି କଂଗ୍ରେସ ନେତା ସନରାଜ ଗଣ୍ଡ । ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ନଗେଶ୍ୱରୀ ଗଣ୍ଡଙ୍କୁ ରାଗିଂ କରାଯାଉଥିବା କଥା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାର ସମସ୍ତ ଅନୁଷ୍ଠାନରେ ରାଗିଂ ବନ୍ଦ ସହ ଏହାର ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି। ଦାବିପତ୍ର ପ୍ରଦାନବେଳେ ଟାଉନ ସଭାପତି ମାର୍କଣ୍ଡ ସାହୁ, ନାରୀନେତ୍ରୀ ହୀରାବତୀ ଗଣ୍ଡ, ସମ୍ପାଦକ ପର୍ଶୁରାମ ନାୟକ, ଉମରକୋଟ ନିର୍ବାଚନ ମଣ୍ଡଳୀ ସଭାପତି ଅଜୟ ଚୌହାନ, ଜିଲା କଂଗ୍ରେସ ସମ୍ପାଦକ ପ୍ରଦୀପ ସାହୁ, ବରିଷ୍ଠ କଂଗ୍ରେସ ନେତା ବାବୁଲା ପଟ୍ଟନାୟକ, ନବରଙ୍ଗପୁର ଜିଲା ସଂଖ୍ୟାଲଘୁ ସେଲ୍ ସଭାପତି ଉସ୍‌ମାନ ଲାଠିଆ, ଏସ୍.ବିଜୟ, ଶଙ୍କର ମଣ୍ଡଳ, ସୁନ୍ଦର ଗଣ୍ଡ, ସୁବାସ ସାଗର, ଜାନୁଆର ପୂଜାରୀ, ଉମେଶ ଗଣ୍ଡ, ଛାତ୍ର କଂଗ୍ରେସର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦଶଦିନ ଭିତରେ ଦାବିପୂରଣ ନ ହେଲେ ଜିଲା ବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ଛାତ୍ର କଂଗ୍ରେସ।



ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ସଂଯୋଜକ ନିଯୁକ୍ତ

ଚନ୍ଦାହାଣ୍ଡି, ୧୦।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଝିଙ୍କ ଅନୁମୋଦନକ୍ରମେ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝିଙ୍କ ଦଣ୍ଡାମୁଣ୍ଡାସ୍ଥିତ ବାସଭବନରେ ପଞ୍ଚାୟତସ୍ତରୀୟ ସଂଯୋଜକ ନିଯୁକ୍ତ କରାଯାଇଛି। ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ନୂତନ ଭାବେ ୧୪ ପଞ୍ଚାୟତରେ ଏହି ସଂଯୋଜକମାନଙ୍କୁ ନିଯୁକ୍ତି ଦିଆଯାଇଛି। ଶୁକ୍ରବାର ବ୍ଲକ ବିଜେଡି ସଭାପତି ଗୌରହରି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓଏଲ୍‌ଆଇସି ଉପଦେଷ୍ଟା ପ୍ରମୋଦ ପାଢ଼ୀ ମୁଖ୍ୟ ଅତିଥି, ବିଜେଡି ଜୋନ୍ ସଭାପତି ଯୁବରାଜ ଜଗତ ଓ ବଳରାମ ପଟ୍ଟନାୟକ, ବ୍ଲକ ଯୁବ ବିଜେଡି ସଭାପତି ତ୍ରିନାଥ ଦାଶ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜୋନ୍-୧ରେ ଥିବା ଚନ୍ଦାହାଣ୍ଡି ପଞ୍ଚାୟତରେ ଡମ୍ବରୁ ମାଝି, ଜମାଦାରପଡ଼ାରେ ପରମ ମାଝି, ଫଟକିରେ ଶ୍ୟାମସୁନ୍ଦର ସୁନା, କୋଇଲିମୁଣ୍ଡାରେ ବାସୁଦେବ ଗୌଡ଼, ଅନକାବେଡ଼ାରେ ଅନ୍ତସୋରି, ମୋହରା ପାଇଁ ପ୍ରଶାନ୍ତ ପାରିଙ୍କୁ ନିଯୁକ୍ତ ଦିଆଯାଇଛି। ସେହିଭଳି ଜୋନ୍-୨ର ବେହେରାମୁଣ୍ଡା ପଞ୍ଚାୟତରେ ହର ପୂଜାରୀ, ଶରଧାପୁରରେ ଗମ୍ଭୀର ଚୌହାନ, ଗମ୍ଭାରୀଗୁଡ଼ାରେ ଦୁର୍ଲଭ ପୂଜାରୀ, ମାଲଗାଁରେ ଝୁମୁକଲାଲ ସାହୁ, କୁହୁଡ଼ିରେ ନୀଳମଣି ଗୌଡ଼, ଧୋଡ଼ିପାଣିରେ ଭୁବନେଶ୍ୱର ବେଶ୍ରା, ଦଳବେଡ଼ାରେ ସନାନ୍ଦ୍ର ସୋରି ଏବଂ ପାଟଖଲିଆ ପଞ୍ଚାୟତ ପାଇଁ ଟେକରାମ ମାଝିଙ୍କୁ ନିଯୁକ୍ତି ଦିଆଯାଇଛି। ନୂତନ ସଂଯୋଜକମାନେ ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ଯୋଜନା ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି।

### ହିନ୍ଦୁ ନବବର୍ଷ ପାଳନ ପ୍ରସ୍ତୁତି ବୈଠକ

ଉମରକୋଟ, ୧୦।୩(ସ୍ୱ.ପ୍ର.)- ହିନ୍ଦୁ ନବବଷ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଉମରକୋଟସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉମରକୋଟ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବିଶ୍ୱହିନ୍ଦୁ ପରିଷଦ, ଆର୍‌ଏସ୍‌ଏସ୍,ବଜରଙ୍ଗ ଦଳ ଓ ବିଭିନ୍ନ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଓ ସଭ୍ୟମାନେ



ଯୋଗଦେଇଥିଲେ। ୨୨ ତାରିଖ ବୁଧବାର ହିନ୍ଦୁ ନବ ବର୍ଷ ପାଳନ କରାଯିବ। ଉକ୍ତ ଦିନ ସନ୍ଧ୍ୟା ୪ଟାରେ ଏକ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିର ନିକଟରୁ ବାହାରି ମୁଖ୍ୟ ରାସ୍ତା ଦେଇ ଡିଏନ୍‌କେ ଛକରେ ପହଞ୍ଚିବ। ନବବର୍ଷ ଉପଲକ୍ଷେ ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଘରେ ଘରେ ଝୋଟି ପକାଇ କଳସୀ ରଖି ଶୋଭାଯାତ୍ରାକୁ ସ୍ୱାଗତ ଜଣାଇବାକୁ କମିଟି ପକ୍ଷରୁ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମକୁ ସୁଚାରୁରୂପେ ହିନ୍ଦୁ ନବବର୍ଷ ପରିଚାଳନା ସମିତି ଗଠନ କରାଯାଇଛି। ବରିଷ୍ଠ ରାଜନେତା ଜୟଦେବ ପରିଡା ସଭାପତି, ରଜତ ସାନ୍ତ୍ରା ଉପସଭାପତି, ଅଶୋକ ପ୍ରଧାନ ସମ୍ପାଦକ, କଟେଶ୍ୱର ପଟ୍ଟନାୟକ ଓ ବିଜୟ ଦାସ କୋଷାଧ୍ୟକ୍ଷ, ତପନ ଦେବନାଥ ସଂଯୋଜକ ଭାବେ ରହିଛନ୍ତି। ଏହାଛଡ଼ା ଏକ ୨୦ ଜଣିଆ କମିଟି ଗଠନ କରାଯାଇଛି। ଏହାର ପ୍ରସ୍ତୁତି ଉପରେ ସମୀକ୍ଷା କରିବା ପାଇଁ ରବିବାର ଆଉ ଏକ ବୈଠକ କରାଯିବ ବୋଲି କମିଟି ଉପସଭାପତି ରଜତ ସାନ୍ତ୍ରା ସୂଚନା ଦେଇଛନ୍ତି।

# ପ୍ଲାଷ୍ଟିକ୍‌ମୁକ୍ତ ଭାରତ ଗଠନ ନେଇ ଶପଥ

### ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ନବରଙ୍ଗପୁର,୧୦।୩(ବି.ପ୍ର.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଜୟପୁର ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ, ମିଶନ ଲାଇଫ୍ ସମ୍ପର୍କିତ ୨ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନବରଙ୍ଗପୁରରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଭାରତର ମୁକ୍ତି ସଂଗ୍ରାମରେ ସାମିଲ ହୋଇଥିବା ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ, ଅପରିଚିତ ଯୋଦ୍ଧାଙ୍କ ବୀର ଗାଥା, ଜି-୨୦, ମିଲେଟ ମିଶନ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ୫୦ଟି ଫଟୋ ମାଧ୍ୟମରେ ଏହି ପ୍ରଦର୍ଶନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଜିଲାପାଳ ଡ. କମଳଲୋଚନ ମିଶ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ଆଇଟି ବିଭାଗ ଡେପୁଟି ଡାଇରେକ୍ଟର ବିଶ୍ୱରଞ୍ଜନ ଭୁଲ୍ଲା ଡିଜିଟାଲ ଇଣ୍ଡିଆ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା, ଜିଲା କୃଷି ବିଭାଗ ଅଧିକାରୀ ଭେଙ୍କଟ ରେଡ୍ଡୀ ମିଲେଟ ମିଶନ, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ପୋଷଣ ଅଭିଯାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ପ୍ଲାଷ୍ଟିକ୍‌ମୁକ୍ତ ଭାରତ ଗଠନ ପାଇଁ ଶପଥ ପାଠ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ନବରଙ୍ଗପୁରର ସ୍ଥାନୀୟ କଳାକାରମାନେ ସୂଚନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଆକାଶବାଣୀ ଓ ଦୂରଦର୍ଶନ ପ୍ରତିନିଧି ପ୍ରଭାତୀ ବିଷୋୟୀ, ଭବାନୀପାଟଣା ସଞ୍ଚାର ବ୍ୟୁରୋ କ୍ଷେତ୍ର ପ୍ରଚାର ଅଧିକାରୀ ବିଷ୍ଣୁଚରଣ ସାହୁ ଓ ଜୟପୁର କ୍ଷେତ୍ର ପ୍ରଚାର ଅଧିକାରୀ ଜ୍ୟୋତିରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ ।

# ୭୯ କେନ୍ଦ୍ରରେ ପରୀକ୍ଷା ଦେଲେ ୧୫୧୧୬ ପରୀକ୍ଷାର୍ଥୀ

ନବରଙ୍ଗପୁର,୧୦।୩(ବି.ପ୍ର.)

ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ପାଇଁ ଜିଲାର ୨୨୮ଟି ଘରୋଇ, ସରକାରୀ ଓ ମଙ୍ଗଳ ବିଭାଗର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ୧୫୫୩୩ ଜଣ ଛାତ୍ରୀଛାତ୍ର ଫର୍ମଫିଲପ କରିଥିଲେ। ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୯ କେନ୍ଦ୍ରରେ ରେଗୁଲାରରେ ୧୫,୪୦୭, ଏସ୍‌ଓଏସ୍‌ସି ୧୨୬ ଜଣ ରହିଛନ୍ତି। ତେବେ ରେଗୁଲାରରୁ ୯୭୩ ଜଣ ଛାତ୍ରୀଛାତ୍ର ଓ ମୁକ୍ତ ବିଦ୍ୟାଳୟରୁ ୧୦ ଜଣ ଅନୁପସ୍ଥିତ ରହିଛନ୍ତି। ୧୫,୧୧୬ ଜଣ ପରୀକ୍ଷା ଦେଇଛନ୍ତି। ତେବେ ପ୍ରଥମ ଦିନରେ କୌଣସି ସ୍କୁଲରେ ମାଲ୍ ପ୍ରାକ୍ଟିସ୍ ନ ଥିବା ଜଣାପଡ଼ିଛି। ଚନ୍ଦାହାଣ୍ଡି ବ୍ଲକରେ ୬ଟି, ଡାବୁଗାଁ ବ୍ଲକରେ ୪, ଝରିଗାଁ , କୋଷାଗୁମୁଡ଼ା ଓ ନବରଙ୍ଗପୁର ବ୍ଲକରେ ୯ଟି ଲେଖାଏ, ନନ୍ଦାହାଣ୍ଡି ବ୍ଲକରେ ୪ଟି, ପାପଡ଼ାହାଣ୍ଡି ବ୍ଲକରେ ୮, ରାଇଘର ଓ ଉମରକୋଟ ବ୍ଲକରେ ୧୧ଲେଖାଏ ଏବଂ ତେନ୍ତୁଳିଖୁଣ୍ଟି ବ୍ଲକରେ ୮ଟି ପରୀକ୍ଷା କେନ୍ଦ୍ର ରହିଛି। ନନ୍ଦାହାଣ୍ଡି ବ୍ଲକକୁ ଛାଡ଼ି ଦେଲେ ଜିଲାର ପ୍ରତି ବ୍ଲକରେ ଗୋଟିଏ ଲେଖାଏ ନୋଡାଲ କେନ୍ଦ୍ର ରହିଛି। ଏହି ନୋଡାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଯିବ। ପ୍ରତି କେନ୍ଦ୍ରରେ ପ୍ରତି ୨୪ ପରୀକ୍ଷାର୍ଥୀଙ୍କ ପାଇଁ ଜଣେ ଇନ୍‌ଭିଜିଲେଟରଙ୍କୁ ନିୟୋଜିତ କରାଯାଇଛି। ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।


ନବରଙ୍ଗପୁରସ୍ଥିତ ଆର୍‌ସିଡି ନୋଡାଲ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଆଦି ଯାଞ୍ଚ କରାଯାଉଛି।

## ଡାବୁଗାଁରେ ୮୬ ପରୀକ୍ଷାର୍ଥୀ ଅନୁପସ୍ଥିତ

ଡାବୁଗାଁ ,୧୦।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ୫ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ମୋଟ ୧୦୪୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୮୬ଜଣ ଅନୁପସ୍ଥିତ ଥିଲେ। ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମୋଟ ୨୬୮ ଜଣ ପିଲା ନାମ ପଞ୍ଜୀକରଣ କରିଥିବାବେଳେ ୨୫୦ ଜଣ ପରୀକ୍ଷା ଦେଇଥିଲେ। ୧୮ ଜଣ ଅନୁପସ୍ଥିତ ଥିଲେ। ଏଥିରେ ସୁପରିଣ୍ଟେଣ୍ଡେଣ୍ଟଭାବେ ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିଦେଶୀ ମହାକୁଡ ଓ ସାନୋଜ କୁମାର ମହାପାତ୍ର ଏବଂ ୧୫ ଜଣ ଇନ୍‌ଭିଜିଲେଟର ପରୀକ୍ଷା ଦାୟିତ୍ୱରେ ଅଛନ୍ତି। ଡାବୁଗାଁ ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୨୭୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫୯ ଜଣ ପରୀକ୍ଷା ଦେଇଥିବାବେଳେ ୧୪ ଜଣ ଅନୁପସ୍ଥିତ ଅଛନ୍ତି। ଆରତୀ ବିଶୋୟୀ ସୁପରିଣ୍ଟେଣ୍ଡେଣ୍ଟ, ମହେଶ୍ୱର ନାଥ ଓ ସୁପ୍ରିୟା ମହାକୁଡ ସୁପରିଣ୍ଟେଣ୍ଡେଣ୍ଟ ଏବଂ ୨୦ ଜଣ ଇନ୍‌ଭିଜିଲେଟର ଅଛନ୍ତି। ବୋରିଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୨୦ ପିଲାଙ୍କ ମଧ୍ୟରୁ ୧୯୮ ଜଣ ପରୀକ୍ଷା ଦେଇଥିଲେ। କେଶବ ଗୌଡ଼ ସୁପରିଣ୍ଟେଣ୍ଡେଣ୍ଟ, ମଥୁରାନନ୍ଦ ରାଉତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଉଥିବାବେଳେ ୧୫ ଇନ୍‌ଭିଜିଲେଟର ରହିଛନ୍ତି। ବଡ଼ଓଲମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୨୨୫ ପିଲାଙ୍କ ମଧ୍ୟରୁ ୨୩୬ ଜଣ ପରୀକ୍ଷା ଦେଇଥିଲେ। ରଞ୍ଜନ କୁମାର ବେହେରା ସୁପରିଣ୍ଟେଣ୍ଡେଣ୍ଟ, ଅସିତ ପଣ୍ଡା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ୧୫ଜଣ ଇନ୍‌ଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଛନ୍ତି। ମେଦନା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୨ ପିଲାଙ୍କ ମଧ୍ୟରୁ ୧୧୧ ଜଣ ପରୀକ୍ଷା ଦେଇଥିବା ବେଳେ ୨୧ଜଣ ଅନୁପସ୍ଥିତ ଥିଲେ। ଡମ୍ବରୁଧର ଦାଶ ସୁପରିଣ୍ଟେଣ୍ଡେଣ୍ଟ, କୃଷ୍ଣଚନ୍ଦ୍ର ପାତ୍ର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ୯ଜଣ ଇନ୍‌ଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଛନ୍ତି।

# ଚନ୍ଦ୍ରପୁରରେ ପରୀକ୍ଷା ଦେଲେ ୪୭୦ ଛାତ୍ରୀଛାତ୍ର

ଚନ୍ଦ୍ରପୁର,୧୦।୩(ଡି.ଏନ୍.ଏ.)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ୩ କେନ୍ଦ୍ରରେ ୪୭୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବ୍ଲକ ସଦର ମହକୁମାରେ ଥିବା ନୋଡାଲ ସରକାରୀ ଉଚ୍ଚ ବିଦ୍ୟଳୟ କେନ୍ଦ୍ରରେ ୧୪୫, କନ୍ୟାଶ୍ରମ କେନ୍ଦ୍ରରେ ୧୫୨ ଓ ଡାଙ୍ଗସୋରଡା ସରକାରୀ ଉଚ୍ଚ ବିଦ୍ୟଳୟ କେନ୍ଦ୍ରରେ ୧୭୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଚନ୍ଦ୍ରପୁର, ଡାଙ୍ଗସୋରଡା, ହନୁମନ୍ତପୁର, ବିଜେପୁର, କନ୍ୟାଶ୍ରମ, ନୋଡାଲ ହାଇସ୍କୁଲ, ରାଇବିଜି କନ୍ୟାଶ୍ରମ, ପୀସକାପଙ୍ଗା, ଦୁରୀଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ୩ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ତେବେ ୧୮ଜଣ ଛାତ୍ର ପ୍ରଥମ ଦିନ ପରୀକ୍ଷାରେ ଅନୁପସ୍ଥିତ ଥିବା ଚନ୍ଦ୍ରପୁର ଏବିଇଓ ଉମାକାନ୍ତ ମିସାଲ ସୂଚନା ଦେଇଛନ୍ତି।

# ସମସ୍ୟା ସମାଧାନ କରି ଲୋକଙ୍କୁ ସେବା ଯୋଗାଇବାକୁ ପରାମର୍ଶ

### ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସଚେତନତା ବୈଠକ

ଉମରକୋଟ, ୧୦।୩(ସ୍ୱ.ପ୍ର.)

ଉମରକୋଟ ବ୍ଲକରେ ଚଳିତ ଗ୍ରୀଷ୍ମଋତୁରେ ଗ୍ରାମାଞ୍ଚଳରେ ଜଳ ଯୋଗାଣ କିପରି ଭାବରେ ସୁଚାରୁ ରୂପେ ସମ୍ପାଦନ ହେଇପାରିବ ସେ ନେଇ ଏକ ବ୍ଲକସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶରତ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନ ବ୍ଲକ ସମ୍ମିଳନୀ କକ୍ଷରେ ଏହି ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୨୬ ପଞ୍ଚାୟତରେ ଥିବା ସମସ୍ତ ୮୮ ପ୍ଲମ୍ବର ଓ ମହିଳା ପମ୍ପ ଚାଳକ ଯୋଗ ଦେଇଥିଲେ। ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ଅନୁଭୂତ ଆଶଙ୍କା ଥିବାରୁ ପାନୀୟ ଜଳ ପାଇଁ ଉପୁଜୁଥିବା ଛୋଟ ବଡ଼ ସମସ୍ୟାର ତୁରନ୍ତ ସମାଧାନ କରି ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇଦେବାକୁ କନିଷ୍ଠ ଯନ୍ତ୍ରୀ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ଅନୁରୋଧ କରିଥିଲେ। ବିଗତ ଦିନରେ ସ୍କିଲ୍ ଇଣ୍ଡିଆ ପକ୍ଷରୁ ପଞ୍ଚାୟତର ସମସ୍ତ ପ୍ଲମ୍ବରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହି ପ୍ରମାଣପତ୍ର ଆଗାମୀ ଦିନରେ ସେମାନଙ୍କ ଅନେକ କାର୍ଯ୍ୟରେ ଆସିବ ବୋଲି ଯନ୍ତ୍ରୀ ଶରତ ବେହେରା କହିଛନ୍ତି। ଅନ୍ୟପଟେ ବିଗତ ୨୨ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ଲମ୍ବରମାନେ ମାତ୍ର ୨୦୦୦ ଟଙ୍କା ମାସିକ ଦରମାରେ କାମ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସେମାନଙ୍କ ଦରମା ବଢ଼ାଇବାକୁ ପ୍ଲମ୍ବରମାନେ ଦାବି କରିଛନ୍ତି।


ବୈଠକରେ ଉପସ୍ଥିତ ପ୍ଲମ୍ବର, ମହିଳା ପମ୍ପ ଚାଳକ ଓ ଅନ୍ୟମାନେ।

# ୧୫ ଜଣଙ୍କ ପ୍ରାର୍ଥୀପତ୍ର କାଏମ




### ଓକିଲ ସଂଘ ନିର୍ବାଚନ:ସରିଲା ନାମାଙ୍କନପତ୍ର ଯାଞ୍ଚ

ନବରଙ୍ଗପୁର, ୧୦।୩(ବି.ପ୍ର.)

ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ନିର୍ବାଚନ ପ୍ରକ୍ରିୟାରେ ନାମାଙ୍କନପତ୍ର ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ନାମାଙ୍କନିପତ୍ର ଯାଞ୍ଚ ବେଳେ ସମସ୍ତ ପ୍ରାର୍ଥୀ ନିଜ ପ୍ରସ୍ତାବକ ଓ ସମର୍ଥକଙ୍କ ସହ ନିର୍ବାଚନ ଅଧିକାରୀଙ୍କ ନିକଟରେ ଉପସ୍ଥିତ ଥିଲେ। ନାମାଙ୍କନ ପତ୍ର ଯାଞ୍ଚ ପରେ ୧୫ ଜଣଙ୍କ ପ୍ରାର୍ଥୀପତ୍ରକୁ ନିର୍ବାଚନ ଅଧିକାରୀ ଗ୍ରହଣ କରିଥିବା ଜଣା ପଡିଛି। ଏହି କ୍ରମରେ ସଭାପତି ପଦବୀ ପାଇଁ ବରିଷ୍ଠ ଆଇନଜୀବୀ ନରସିଂହ ନାଥ ତ୍ରିପାଠୀ ଓ ବରିଷ୍ଠ ଆଇନଜୀବୀ ଶ୍ୟାମପ୍ରସାଦ ଗନ୍ତାୟତ, ଉପସଭାପତି ପଦ ପାଇଁ ହରିନାରାୟଣ ବେହେରା ଓ ବିଧୁଶେଖର ତ୍ରିପାଠୀ, ସମ୍ପାଦକ ପାଇଁ ମାନସ ତ୍ରିପାଠୀ ଓ ତପନ ସିଂ, କୋଷାଧ୍ୟକ୍ଷ ପଦବୀରେ ସ୍ନେହଲତା ଦେବୀ ଓ ଅନିଲ ଦୀନବନ୍ଧୁ ଅଛନ୍ତି। ସେହିଭଳି କାର୍ଯ୍ୟକାରିଣୀ ସଦସ୍ୟ ପଦବୀ ପାଇଁ ତପନ ପାଣିଗ୍ରାହୀ, ବାଲାଜୀ ପ୍ରସାଦ ମିଶ୍ର, ପ୍ରଶାନ୍ତ ପଟ୍ଟନାୟକ, ଗୋପାଳକୃଷ୍ଣ ଶତପଥୀ, ସତୀଶ ଚନ୍ଦ୍ର ନାୟକ ଏବଂ ଦିନେଶ ରାଜ କୋର୍କରାଙ୍କ ନାମାଙ୍କନକୁ ଯାଞ୍ଚ ପରେ ଗ୍ରହଣ କରାଯାଇଛି। ଯୁଗ୍ମ ସମ୍ପାଦକ ପଦବୀରେ ଜଣେ ମାତ୍ର ସଦସ୍ୟ ସନ୍ଦୀପ ମିଶ୍ରଙ୍କ ନାମାଙ୍କନକୁ ମଧ୍ୟ ଗ୍ରହଣ କରାଯାଇଛି। ୧୨ ତାରିଖରେ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ୧୩ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ସି.ଏଚ୍. ବାବା ଯୁଗନ୍ଧର, ସହ ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର ପଟ୍ଟନାୟକ ଓ ଆଇନଜୀବୀ ତାଜ ଇମ୍ରାନ ସରିଫ ପରିଚାଳନା କରୁଛନ୍ତି।

# ଆନ୍ତଃ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ତେନ୍ତୁଳିଖୁଣ୍ଟି, ୧୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସ୍ମାଟନ କ୍ଲବ ଓ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସହଯୋଗରେ ଆନ୍ତଃ ରାଜ୍ୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ବିଧାୟକ ସଦାଶିବ ପ୍ରଧାନୀ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀଳାଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ଓୟୁଜେ ଜିଲା ସଭାପତି ସୁଶାନ୍ତ ବେହେରା, ତେନ୍ତୁଳିଖୁଣ୍ଟି ସରପଞ୍ଚ ଟଭା ନାୟକ, ସମିତିସଭ୍ୟା ମଧୁସ୍ମିତା ପାଣିଗ୍ରାହୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ନାରାୟଣ ପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପି. ନାଗରତ୍ନମ, ତେନ୍ତୁଳଖୁଣ୍ଟି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ନନ୍ଦାହାଣ୍ଡି ବ୍ଲକ ବିଜେଡି ସଭାପତି ଦୟାନିଧି ବିଷୋୟୀ, ସ୍ମାଟନ କ୍ଲବ ସଭାପତି ଡ. ସମଲେଇ ପ୍ରସାଦ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା କିଶୋର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ବିଜେଡି ନେତା ବାବୁନି ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୪୦ରୁ ଉର୍ଦ୍ଧ୍ୱ ଦଳ ଭାଗ ନେବେ।


ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ବିଧାୟକ ସଦାଶିବ ପ୍ରଧାନୀ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଦାବିପତ୍ର

- ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ସହ ଅନ୍ୟ ୨ଟି ଦାବି ରଖିଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ
- ୧୪ ସୁଦ୍ଧା ଦାବି ପୂରଣ ନ ହେଲେ ୧୫ରେ ବିଧାନସଭା ଘେରାଉ ଚେତାବନୀ

ତେନ୍ତୁଳିଖୁଣ୍ଟି, ୧୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଶୁକ୍ରବାର ୩ଦଫା ବିଶିଷ୍ଟ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓ ସମରେନ୍ଦ୍ର ଭୌମିକଙ୍କ ଜରିଆରେ ପ୍ରଦାନ କରିଛି। ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ, କେନ୍ଦ୍ରୀୟ ପ୍ରାଥମିକ ଶିକ୍ଷକଙ୍କ ଭଳି ୩୫,୪୦୦ ମୂଳ ଦରମା ହାରରେ ପ୍ରାଥମିକ ଶିକ୍ଷକଙ୍କ ଦରମା ଧାର୍ଯ୍ୟ କରିବା, ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବି ନେଇ ୨୭ରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ରାଜଧାନୀରେ ମିଳିତ ଶିକ୍ଷକ ସଂଘ ଧାରଣା ଦେଇଥିଲା। ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସହ ଆଲୋଚନା କରି ଏକ କମିଟି ଗଠନ ସହ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ୨୧ ଡିସେମ୍ବର ସୁଦ୍ଧା ପଦକ୍ଷେପ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କିଛି ନୀତିଗତ ନିଷ୍ପତ୍ତି ନିଆଯାଇ ନ ଥିବାରୁ ନିଜ ନିଜ ଅଞ୍ଚଳର ବିଧାୟକଙ୍କ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ୬ ମାର୍ଚ୍ଚରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି ଶିକ୍ଷକ ସଂଘ ସଦସ୍ୟମାନେ। ୧୪ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ୧୫ରେ ବିଧାନସଭା ଘେରାଉ ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ସଂଘ ଚେତାବନୀ ଦେଇଛି। ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ସପନ ଖୁରା, ସମ୍ପାଦକ ଅନୁପମା ନାୟକ, ଜିଲା ଉପସଭାପତି ସର୍ବେଶ୍ୱର ପତି, ମୃତ୍ୟୁଞ୍ଜୟ ମିଶ୍ର, ସବିତା ଧୀର, ଅଜୟ ହରିଜନ, ସୁରେନ୍ଦ୍ର ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।


ତେନ୍ତୁଳିଖୁଣ୍ଟି ବିଇଓ ସମରେନ୍ଦ୍ର ଭୌମିକ ଦାବିପତ୍ର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

ସମସ୍ୟା ଭୋଗୁଛନ୍ତି ରୋଗୀ, ସମ୍ପର୍କୀୟ

### ୫ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ରକ୍ତଭଣ୍ଡାର

ସୁନାବେଡ଼ା,୧୦।୩(ସ୍ୱ.ପ୍ର.)-ସରକାର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କୋରାପୁଟ ଜିଲାର ବିଭିନ୍ନ ସ୍ଥାନ ପଟ୍ଟାଙ୍ଗି, କୁନ୍ଦୁଲି, ଦାମନଯୋଡ଼ିର ମାଥାଲପୁଟ, ନନ୍ଦପୁର ଓ ସୁନାବେଡ଼ାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଏଥିସହ ସେମିଲିଗୁଡ଼ାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ମାତ୍ର ଅନେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଭଣ୍ଡାର ନ ଥିବାରୁ ଆବଶ୍ୟକ ସମୟରେ ରୋଗୀ ରକ୍ତ ପାଇପାରୁନାହାନ୍ତି। ଏସବୁ ଅଞ୍ଚଳଠାରୁ ପ୍ରାୟ ୨୫ରୁ ୪୦ କି.ମି. ଦୂର କୋରାପୁଟରେ ଏକ ରକ୍ତଭଣ୍ଡାର ରହିଛି। ସେଠାରେ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ ପରିମାଣର ରକ୍ତ ମିଳୁନାହିଁ। ଏଥିପାଇଁ ରୋଗୀଙ୍କ ସହ ସମ୍ପର୍କୀୟମାନଙ୍କୁ ମଧ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଥାଲାସେମିଆ ରୋଗୀଙ୍କୁ ମଧ ବାରମ୍ବାର ରକ୍ତ ନେବାକୁ ସେମାନଙ୍କୁ କୋରାପୁଟ ଜିଲା ରକ୍ତଭଣ୍ଡାରକୁ ଯିବାକୁ ପଡେ। ଏହି ଗୋଟିଏ ମାତ୍ର ରକ୍ତଭଣ୍ଡାର ଉପରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ଭର କରିଥାନ୍ତି। ଅନ୍ୟପକ୍ଷରେ ଆବଶ୍ୟକ ସ୍ଥଳେ ରୋଗୀଙ୍କୁ ରକ୍ତଦାନ କରିବାକୁ ଚାହୁଁଥିବା ଲୋକେ ଦୂରବାଟ କୋରାପୁଟ ଯାଇ ରକ୍ତ ଦେବାକୁ କୁଣ୍ଠାବୋଧ କରୁଛନ୍ତି। ସୂଚନାଯୋଗ୍ୟ, ହାଲ୍ ଟାଉନଶିପ୍ ମଧ୍ୟରେ ଥିବା ହାଲ୍‌ର ନିଜସ୍ୱ ମେଡିକାଲରେ ଗୋଟିଏ ରକ୍ତଭଣ୍ଡାର ଥିଲା। ରକ୍ଷଣାବେକ୍ଷଣ ଅବହେଳା ଓ ପ୍ରଶାସନିକ ଉଦାସୀନତା ଯୋଗୁ ଏହା ୨୦୧୫ -୧୬ରୁ ବନ୍ଦ ହୋଇଯାଇଛି। ଏପରି ସ୍ଥଳେ ସରକାର ଉପରୋକ୍ତ ଅଞ୍ଚଳର କେନ୍ଦ୍ରସ୍ଥଳରେ ଏକ ରକ୍ତଭଣ୍ଡାର ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

### ଦେବାଶିଷ ଗୌଡ଼ କୋରାପୁଟ ନୂତନ ବିଡିଓ



କୋରାପୁଟ, ୧୦।୩(ସ୍ୱ.ପ୍ର.)- କୋରାପୁଟ ବ୍ଲକର ନୂତନ ବିଡିଓ ଭାବେ ଦେବାଶିଷ ଗୌଡ଼ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ବିଡିଓ ନରେନ୍ଦ୍ର ନାୟକଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଦେବାଶିଷ ଏହା ପୂର୍ବରୁ ମୁନିଗୁଡ଼ା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ । ପୂର୍ବତନ ବିଡିଓ ନରେନ୍ଦ୍ରଙ୍କୁ ମାଲକାନଗିରି ଜିଲାର ବାଲିମେଳା ବିଡିଓ ଭାବେ ବଦଳି ହୋଇଛି। ଦେବାଶିଷ ବିଡିଓ ଦାୟିତ୍ୱ ଗ୍ରହଣ କରିବା ପରେ ବ୍ଲକ ଅଧକ୍ଷା ନମିତା ମାଝି, ସହକାରୀ ନିର୍ବାହୀ ଯନ୍ତ୍ରୀ ଅର୍ପଣ ପୂଜାରୀ, ସହକାରୀ ଯନ୍ତ୍ରୀ ରମାକାନ୍ତ ନାୟକ, ବରିଷ୍ଠ ରାଜସ୍ୱ ସହାୟକ ନିତ୍ୟାନନ୍ଦ ଭତ୍ରାଙ୍କ ସମେତ ବ୍ଲକର ବହୁ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ସରକାରଙ୍କ ସମସ୍ତ ଜନକଲ୍ୟାଣମୂଳକ ଯୋଜନାରୁ ସାଧାରଣ ଲୋକେ ଯେପରି ସୁଫଳ ପାଇବେ ତାହାକୁ ସୁନିଶ୍ଚିତ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ଏହି ଅବସରରେ ଦେବାଶିଷ ପ୍ରକାଶ କରିଛନ୍ତି।

### ମରଣଯନ୍ତା ପାଲଟିଛି ବାରିଗୁଡ଼ା କଲଭର୍ଟ



ଦଶମନ୍ତପୁର,୧୦।୩ ( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମୱାଗୁଡ଼ା ପଞ୍ଚାୟତ ଦେଇ ରାୟଗଡ଼ା ଜିଲା ଅନ୍ତର୍ଗତ କାଶୀପୁର ବ୍ଲକକୁ ସଂଯୋଜକ କରୁଥିବା ମୁଖ୍ୟ ରାସ୍ତାର ଟିକାମ୍ଭ ପଞ୍ଚାୟତ ବାରିଗୁଡ଼ା ଛକସ୍ଥିତ ଏକ କଲଭର୍ଟ ଭୁଶୁଡ଼ି ପଡ଼ିଛି । ଏହି ରାସ୍ତାଟି ୨ଟି ଜିଲ୍ଲା କୁ ସଂଯୋଗ କରୁଥିବାରୁ ବହୁ ଲୋକ ଏହା ଉପରେ ନିର୍ଭର କରିଥାନ୍ତି। ପ୍ରତେହ ଅନେକ ଯାତ୍ରୀବାହୀ ବସ୍‌ଠାରୁ ଆରମ୍ଭ କରି ଭାରିଯାନ ମଧ ଯାତାୟାତ କରିଥାଏ। କିଛି ଦିନ ତଳେ ଏହି ରାସ୍ତା ଦେଇ ଯାଉଥିବା ବେଳେ ଏକ ଭାରି ଯାନ କଲଭର୍ଟରେ ଫଂଶି ଯାଇଥିଲା। ତେବେ ଏନେଇ ପ୍ରଶାସନକୁ ଅବଗତ କରାଇଲେ ମଧ କିଛି ସୁଫଳ ମିଳୁନାହିଁ। ମରଣଯନ୍ତା ପାଲଟିଥିବା ଏହି କଲଭର୍ଟଠାରେ ଯଦି କୌଣସି ଅଘଟଣ ଘଟେ ତେବେ ପ୍ରଶାସନ ହିଁ ଦାୟୀ ରହିବେ ବୋଲି ଟିକାମ୍ଭ, ପିରିମାଛି, ଡୁମ୍ବାଗୁଡା, ଭିତରବାଗ୍ରୀ ଗ୍ରାମବାସୀ ପ୍ରକଶ କାଁଛନ୍ତି। ଏ ସଂପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ ତାଙ୍କ ଫୋନ ଲାଗି ନ ଥିଲା ।

# ୮ ବର୍ଷ ହେଲା କାଗଜକଲମରେ ଚାଲିଛି ବିଦ୍ୟାଳୟ

- କୁଟୁନିପଦରରେ ଦଗହରା ପ୍ରାଥମିକ ଶିକ୍ଷା
- ହୁଡ୍‌ହୁଡ୍ ବାତ୍ୟାରେ ମାଟିରେ ମିଶିଯାଇଛି କୋଠା
- ଗୋରୁଗୋଠରେ ବନ୍ଧା ପିଲାଙ୍କ ଶୈଶବ
- ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଖବର ନାହିଁ

ମାଥିଲି,୧୦।୩ (ଡି.ଏନ.ଏ.)



କୁଟୁନିପଦର ଗ୍ରାମ।

ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ରହିଛି ବଡ଼ଦୁରାଲ ପଞ୍ଚାୟତର କୁଟୁନିପଦର ଗ୍ରାମ। ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ଛୋଟ ପିଲା ଥିଲେ ମଧ ସେମାନେ ଏଯାଏ ବିଦ୍ୟାଳୟ ମୁହଁ ଦେଖିନାହାନ୍ତି। ମାତ୍ର କାଗଜକଲମରେ ଗ୍ରାମରେ ବିଦ୍ୟାଳୟ ଚାଲିଛି। ପିଲାମାନେ ପାଠ ପଢୁଛନ୍ତି। ମଧ୍ୟାହ୍ନଭୋଜନ ଚାଲିଛି। ସେମାନଙ୍କ ପାଇଁ ୨ ଜଣ ଶିକ୍ଷକ ମଧ ନିଯୁକ୍ତ ହୋଇଛନ୍ତି। ତେବେ ଏସବୁ ଚାଲିଛି କେବଳ କାଗଜକଲମରେ। କୁଟୁନିପଦର ଗ୍ରାମବାସୀ କହନ୍ତି, ପୂର୍ବରୁ ଗ୍ରାମରେ ଥିବା ବିଦ୍ୟାଳୟ ୨୦୧୪ରେ ହୁଡ୍‌ହୁଡ୍ ବାତ୍ୟାରେ ସମ୍ପୂର୍ଣ୍ଣ ମାଟିରେ ମିଶିଯିବା ପରେ ଆଉ ବିଦ୍ୟାଳୟ ଗୃହ ନିର୍ମାଣ ନେଇ ୮ବର୍ଷ ହେଲା କୌଣସି ପଦକ୍ଷେପ ନିଆଯାଉନାହିଁ। ଏବେ ବିଦ୍ୟାଳୟ ଯିବାକୁ ଆହୁରି ପ୍ରାୟ ୪୦ ପିଲା ଅଛନ୍ତି। ସବୁ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଛି। ସେହି ପିଲାଙ୍କ ମଧ୍ୟରୁ କିଏ ପଥର ଫଟାଉଛି ତ କିଏ କେନ୍ଦୁପତ୍ର ତୋଳୁଛି ଆଉ କିଏ ଗୋରୁଗୋଠରେ ଶୈଶବକୁ ବନ୍ଧା ପକାଇଛି। ନିଯୁକ୍ତି ପାଇଥିବା ଦୁଇ ଶିକ୍ଷକ ପାଠ ନ ପଢ଼ାଇ ମାସକୁ ମାସ ଦରମା ପାଉଛନ୍ତି। ତେବେ ସବୁଠାରୁ ବଡକଥା ହେଲା ଏ ସମ୍ପର୍କରେ ଶିକ୍ଷା ବିଭାଗର ଜିଲା ଶିକ୍ଷାଧିକାରୀଙ୍କ ପାଖରେ କୌଣସି ଖବର ନାହିଁ। ପିଲାଙ୍କୁ ପଚାରିବାରୁ ଗ୍ରାମରେ ବିଦ୍ୟାଳୟ ତ ନାହିଁ ପାଠ କେମିତି ପଢ଼ିବୁ। ସେଥିଲାଗି ଘର ପାଇଁ କିଛି କିଛି କାମ କରୁଛୁ ବୋଲି କହିଥିଲେ। ଏ ସମ୍ପର୍କରେ ପରିଚାଳନା କମିଟି ସଭାପତି ଶଙ୍କର କାଣ୍ଡିଙ୍କୁ ପଚାରିବାରୁ ସେ କହିଥିଲେ, କୁଟୁନିପଦର ଓ ନିକଟସ୍ଥ ନୂଆଗୁଡା ଗ୍ରାମର ପିଲାମାନେ ଏହି ବିଦ୍ୟାଳୟରେ ୮ବର୍ଷ ତଳେ ପଢୁଥିଲେ। ଏବେ ସରକାରୀ କାଗଜପତ୍ରରେ ମାତ୍ର ୨୦ ପିଲାଙ୍କ ନାମ ଲେଖାଯାଇଥିବା ଦର୍ଶାଯାଇଛି। ସେମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଚାଲିଛି। ମାତ୍ର ମଧ୍ୟାହ୍ନଭୋଜନ କିଏ ଖାଉଛି, ପାଠ କିଏ ପଢୁଛି ସବୁ କାଗଜପତ୍ରରେ ସୀମିତ ରହିଛି। ଅନ୍ୟ ୪୦ ପିଲାଙ୍କ କୌଣସି ଖବର ପ୍ରଶାସନ ନିକଟରେ ନାହିଁ ବୋଲି କାଣ୍ଡି କହିଥିଲେ। ସେହିପରି ଗୋବିନ୍ଦପାଲି ସିଆର୍‌ସିସି ଲକ୍ଷ୍ମୀକାନ୍ତ ରଥଙ୍କୁ ପଚାରିବାରୁ ମୁଁ ଏ ବିଷୟରେ କିଛି କହିପାରିବି ନାହିଁ ବୋଲି କହିଥିଲେ। ଏନେଇ ବିଇଓଙ୍କୁ ପଚାରିବାରୁ ସେ କହିଲେ।

## ଝୁଲନ୍ତା ଅବସ୍ଥାରେ ମା' ସହ ଶିଶୁକନ୍ୟାଙ୍କ ମୃତଦେହ ଜବତ

ମାଲକାନଗିରି,୧୦।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ତଣ୍ଡିକି ପଞ୍ଚାୟତ ଅନ୍ତର୍ଗତ ତଥା ଛତିଶଗଡ଼ ସୀମାନ୍ତକୁଲାଗିଥିବା ଆଭ୍ୟନ୍ତରୀଣ ଅଞ୍ଚଳର ନୂଆ ବଣ୍ଡିକି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ଘର ଭିତରୁ ମାଆ ଓ ଶିଶୁକନ୍ୟାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି। ସେମାନେ ମାଆ ଆଡମେ ମୁଚାକି (୩୦) ଓ ତାଙ୍କର ୨ ବର୍ଷର ଶିଶୁକନ୍ୟା ସୁନିତା ବୋଲି ଜଣାପଡ଼ିଛି। ଘଟଣା ଆଭ୍ୟନ୍ତରୀଣ ଅଞ୍ଚଳରେ ଘଟିଥିବାରୁ ଶୁକ୍ରବାର ସାମ୍ନାକୁ ଆସିଛି। ଏହା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି।

ଖବରରୁ ଜଣାପଡ଼ିଛି, ଗତ ୨ ଦିନ ତଳେ ନୂଆ ବଣ୍ଡିକି ଗ୍ରାମର ଭୀମା ମୁଚାକି ତାଙ୍କ ମଝିଆ ଝିଅ ଓ ସାନପୁଅକୁ ଧରି ଚାଷ କାମ କରିବାକୁ ଜମିକୁ ଚାଲି ଯାଇଥିଲେ। ଘରେ ତାଙ୍କ ସ୍ତ୍ରୀ ଆଡମେ ଓ ଶିଶୁକନ୍ୟା ସୁନିତା ଥିଲେ। ମଧ୍ୟାହ୍ନରେ ଭୀମା ଘରକୁ ଫେରିଲା ପରେ ସ୍ତ୍ରୀଙ୍କୁ ଡାକିବାରୁ କେହି ଶୁଣି ନ ଥିଲେ। ପରେ ଅଧା ଖୋଲାଥିବା କବାଟ ଦେଖି ସେ କବାଟ ଖୋଲି ଦେବାରୁ ସ୍ତ୍ରୀ ଓ ତାଙ୍କ ଛୋଟ ଶିଶୁକନ୍ୟା ଗୋଟିଏ ଶାଢ଼ିରେ ଫାଶ ହୋଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଭୀମା ଗ୍ରାମବାସୀଙ୍କୁ ଡାକି କାଳେ ଉଭୟେ ଜୀବିତ ଥିବେ ଚିନ୍ତାକରି ଝୁଲୁଥିବା ଶାଢ଼ି ଖୋଲି ତଳକୁ ଆଣିଥିଲେ। ସେତେବେଳକୁ ଉଭୟଙ୍କ ମୃତ୍ୟୁ ଘଟି ସାରିଥିଲା। ଏ ସମ୍ପର୍କରେ ମାଲକାନଗିରି ଆଦର୍ଶ ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି। ଏକ ମାମଲା ରୁଜୁକରି ତଦନ୍ତ ଜାରି ରହିଥିବା ପୋଲିସ କହିଛି। ତେବେ କେଉଁ କାରଣରୁ ଏପରି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ଘଟଣା ଆଭ୍ୟନ୍ତରୀଣ ଅଞ୍ଚଳରେ ଘଟିଥିବାରୁ ବିଳମ୍ବରେ ଏହା ଜଣାପଡ଼ିଛି।

## ବାର୍‌ରେ ଗଣ୍ଡଗୋଳ: ଟେବୁଲ,ଚେୟାର ଭଙ୍ଗାରୁଜା

- ମାଲିକଙ୍କ ସହ ୨କର୍ମଚାରୀଙ୍କୁ ମାଡ଼ ଅଭିଯୋଗ
- ଜଣେ ଅଭିଯୁକ୍ତ ଗିରଫ, ୨ବାଇକ୍ ଜବତ
- ଅନ୍ୟ ୨ଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ: ପୋଲିସ

ଜୟପୁର,୧୦।୩(ନି.ପ୍ର.)

ଜୟପୁରର ମଧୁମତୀ ହୋଟେଲ ବାର୍‌ରେ ୩ଜଣ ଯୁବକ ଗୁରୁବାର ରାତିରେ ଗଣ୍ଡଗୋଳ କରି ହୋଟେଲ ମାଲିକ, ୨ଜଣ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତକରି ଜଣଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ବାୟାଗୁଡା ଗ୍ରାମର ବିକାଶ ବାରିକ। ଅନ୍ୟ ୨ଜଣ ଫେରାର ଅଛନ୍ତି। ୨ଟି ବାଇକ୍ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟକୁ ଚାଲାଣ କରାଯାଇଛି। ସେଠାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି।

ଖବରରୁ ଜଣାପଡିଛି, ସିନେମାସାହି ନିକଟରେ ଥିବା ହୋଟେଲ ମଧୁମତୀର ବାର୍‌କୁ ମଦ ପିଇବା ପାଇଁ ୩ଜଣ ଯୁବକ ଯାଇଥିଲେ। ମଦ ପିଇ ସାରିବା ପରେ ସେମାନେ ଟଙ୍କା ନ ଦେଇ ଉଠି ଚାଲିଯାଉଥିଲେ। ଟଙ୍କା ମାଗିବାକୁ ଯାଇଥିବା ମ୍ୟାନେଜର କୁଞ୍ଜବନ ମାଝିଙ୍କୁ ଆକ୍ରମଣ କରି ମାଡ଼ ମାରିଥିଲେ। ବାର୍‌ର ୨ଟି ଟେବୁଲ ଓ ୫ଟି ଚୌକି କଚାଡି ଭାଙ୍ଗି ଦେଇଥିଲେ। ଖବରପାଇ ହୋଟେଲ ମାଲିକ ନିହାର ରଞ୍ଜନ ବିଷୋୟୀ ପହଞ୍ଚି ସେମାନଙ୍କୁ ଏପରି ନ କରିବାକୁ ଅନୁରୋଧ କରିଥିଲେ। ତେବେ ସମ୍ପୃକ୍ତ ଯୁବକଙ୍କ ମଧ୍ୟରୁ ଜଣେ ପିସ୍ତଲ ଧରି ଆସିଥିବା ଏବଂ କିଛି କହିଲେ ଗୁଳିକରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ସେ ହାତରେ ଧରିଥିବା କୌଣସି ଧାରୁଆ ଜିନିଷରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ ବୋଲି ନିହାର କହିଛନ୍ତି। ମାଲିକଙ୍କ ଏପରି ଅବସ୍ଥା ଦେଖି କାର୍ଯ୍ୟରତ ଭିକି ନାମକ କର୍ମଚାରୀ ତାଙ୍କ ପାଖକୁ ଆସିବାରୁ ସମ୍ପୃକ୍ତ ୩ ଯୁବକ ତାଙ୍କୁ ମଧ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଶେଷରେ ୩ ଯୁବକଙ୍କୁ ସବୁ କର୍ମଚାରୀ ମିଶି ଘେରିଯିବାରୁ ୨ଜଣ କୌଶଳ କରି ସେଠାରୁ ଫେରାର ହୋଇଯାଇଥିଲେ। ବିକାଶ ଧରା ପଡିବାରୁ ତାଙ୍କୁ ଟାଉନ ଥାନା ପୋଲିସ ପହଞ୍ଚି ଥାନାକୁ ନେଇଥିଲା। ସେଠାରେ ପଚରାଉଚରା କରିବାରୁ ସେ ନିଜ ପରିଚୟ ଦେବା ସହ ଅନ୍ୟ ୨ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି। ଉଭୟଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିଷ୍ଣୁଚରଣ ବେହେରା କହିଛନ୍ତି।

## ଦୈନିକ ବଜାରରେ ଆମିଷ ବଜାର କରିବାକୁ ଦାବି

ଜୟପୁର,୧୦।୩(ନି.ପ୍ର.)

ଜୟପୁରସ୍ଥିତ ଦୈନିକ ପନିପରିବା ବଜାର କମିଟି ସଦସ୍ୟମାନେ ଶୁକ୍ରବାର ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କୁ ଭେଟି ଦୈନିକ ବଜାରରେ ଆମିଷ ବଜାର କରିବାକୁ ଅନୁରୋଧ କରିବାରୁ ନନ୍ଦ ଏନେଇ ବ୍ଲକ ଉପାଧକ୍ଷ ଗଣେଶ ପ୍ରସାଦ ପାଢୀ,ବିଜେଡି ନଗର ସଭାପତି ହର ମିଶ୍ର ଓ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହିତ ଆଲୋଚନା କରିଥିଲେ। ଆମିଷ ବଜାର ସ୍ଥାନାନ୍ତର ହେବା ଯୋଗୁ ଜନସାଧାରଣଙ୍କ ଅସୁବିଧା ହେଉଛି। ଗୋଟିଏ ସ୍ଥାନରେ ପନିପରିବା ଓ ଗୋଟିଏ ସ୍ଥାନରେ ଆମିଷ ବଜାର ରହୁଥିବରୁ ସମସ୍ୟା ଦେଖାଦେଉଛି। ବ୍ୟବସାୟୀଙ୍କ ବ୍ୟବସାୟ ମଧ ପ୍ରଭାବିତ ହେଉଛି। ଫଳରେ ଏ ଦିଗରେ ପଦକ୍ଷେପ ନେବାକୁ ପୂର୍ବତନ ମନ୍ତ୍ରୀ ନନ୍ଦ ପ୍ରସ୍ତାବ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ପଟ୍ଟନାୟକ ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ବ୍ଲକସ୍ତରୀୟ ନୂତନ ପେନସନ ଯୋଜନା ଯୁକ୍ତ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ନନ୍ଦପୁରରେ ମଧ ସଙ୍ଘ ସଭାପତି ଶରତ ଚନ୍ଦ୍ର ଖରାଙ୍କ ନେତୃତ୍ୱରେ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କୋରୁକୋଣ୍ଡା/କୁନ୍ଦୁରା/ନନ୍ଦପୁର, ୧୦।୩(ଡି.ଏନ.ଏ.)

ରାଜ୍ୟ ନୂତନ ପେନସନ ଯୋଜନା ଯୁକ୍ତ ଶିକ୍ଷକସଂଘ ଆହ୍ୱାନରେ ମାଲକାନଗିରିଜିଲା କୋରୁକୋଣ୍ଡା ବ୍ଲକସ୍ତରୀୟ ନୂତନ ପେନସନ ଯୋଜନା ଯୁକ୍ତ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ମହାରଣା,ସମ୍ପାଦକ ଶିଶିର ବିଶ୍ୱାଳ, ଜିଲା ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀଙ୍କୁ ୩ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଆସନ୍ତା ୧୫ ସୁଦ୍ଧା ଦାବି ପୂରଣ ନ ହେଲେ ସମୂହ ଶିକ୍ଷକ ଛୁଟିରେ ରହିବେ। ଆଗାମୀ ଦିନରେ ହେବକୁ ଥିବା ସମସ୍ତ ପରୀକ୍ଷା ଓ ତାଲିମ କାର୍ଯ୍ୟକ୍ରମରୁ ମଧ ବିରତ ରହିବେ ବୋଲି ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଦେଇଛନ୍ତି। ଲୋକନାଥ ସାହୁ, ମନୋଜ ବେହେରା, ସପ୍ନପ୍ରଭା ସାହୁ, ଚିତ ମହାରଣା , କିଶୋର ଖୋସାଲା,ବିବେକା ନନ୍ଦ ପଣ୍ଡାଙ୍କ,ପଦ୍ମ ଚରଣ ଟାକ୍ରି,ପୁଷ୍ପାଞ୍ଜଳି ପରିଡା, ରୀତା ମହାରଣା, ଆଲୋକ ସାମଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

କୋରାପୁଟ ଜିଲାର କୁନ୍ଦୁରା ବ୍ଲକରେ ମଧ ଦାବିପୂରଣ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା,ଉପ ସଭାପତି ରାକେଶ ଗୁରୁ,ସମ୍ପାଦକ କେ. କୃଷ୍ଣ ମହୋନ ରାଓ, ବିନାୟକ ପଣ୍ଡା, କିଶୋର ପାଳ, ସୁଜିତ ନାଗ, ଭବାନୀ ଶଙ୍କର ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ସଫଳ ହେଲା ୨୮ ବକ୍ରପାଦ ପିଲାଙ୍କ ଅସ୍ତ୍ରୋପଚାର




ବକ୍ରପାଦ ଅସ୍ତ୍ରୋପଚାର କରିଥିବା ଶିଶୁମାନେ ।

କୋରାପୁଟ,୧୦।୩(ସ୍ୱ.ପ୍ର.)

କୋରାପୁଟ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଉପ ବିଭାଗ ପକ୍ଷରୁ ଜିଲାର ୨୮ ଜଣ ବକ୍ରପାଦ ପିଲାଙ୍କ ଅସ୍ତ୍ରୋପଚାର ଗତ ଜାନୁୟାରୀ ୧୧ରେ ଜିଲା ଚିକିତ୍ସାଳୟ ଜୟପୁରଠାରେ ହୋଇଥିଲା । ହୋଇଥିବା ଅସ୍ତ୍ରୋପଚାର ସମୟର ପ୍ଲାଷ୍ଟରିଂକୁ ଖୋଲାଯାଇ ପୁନଃ ପ୍ଲାଷ୍ଟରିଂ କରି ଫେବୃୟାରୀ ୧ରେ ସେମାନଙ୍କୁ ଘରକୁ ପଠାଯାଇଥିଲା। ଶୁକ୍ରବାର ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରଠାରେ ସେହି ପ୍ଲାଷ୍ଟରିଂ ଖୋଲାଯାଇ ସେମାନଙ୍କୁ ସର୍ଜିକାଲ ଜୋତା ଏବଂ ଔଷଧ ପ୍ରଦାନ କରାଯାଇଛି। ସେମାନଙ୍କ ଯତ୍ନ ନେବା ସହ ନିୟମିତ ବ୍ୟାୟାମ କରାଇବାକୁ ମାଆବାପାଙ୍କୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଓଲଟପୁର ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା ଏବଂ ଫୁଲବାଣୀରୁ ଆସିଥିବା ଡିଡିଆର୍‌ସି ନୋଡାଲ ଅଧିକାରୀମାନେ ବିଭିନ୍ନ ପର୍ଯ୍ୟାୟରେ ସହାୟତା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର ସମସ୍ତ ପିଲାଙ୍କ ମାଆବାପାଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇ ଯଦି ଆଗାମୀ ଦିନରେ କୌଣସି ତ୍ରୁଟି ପରିଲକ୍ଷିତ ହେବାର ଜଣାଯାଏ ତେବେ ସେମାନେ କୋରାପୁଟ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଏବଂ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରଥମେ ଓଲଟପୁରର ଡା. କିଶୋର ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମ୍ୟାନେଜର ବିଭୁପ୍ରସାଦ ମୁଣ୍ଡ, ନୋଡାଲ ଅଧିକାରୀ ଅକ୍ଷୟ ପଣ୍ଡା, ଫୁଲବାଣୀ ଡିଡିଆର୍‌ଓର ଯାକୁବ ଅଲ୍ଲି ଖାଁ, ଓଲଟପୁରର ପ୍ଲାଷ୍ଟର ଟେକ୍ନିସିଆନ ଆହାନା ବୌଦ, ସାମାଜିକ ସୁରକ୍ଷା ଉପବିଭାଗର ପ୍ରେମଦାନୀ କିଣ୍ଡୋ, କୋରାପୁଟ ଡିଡିଆର୍‌ସିର ଜଗନ୍ନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦାମନଯୋଡ଼ିରେ ଦୋଳପୂର୍ଣ୍ଣିମା

ଦାମନଯୋଡ଼ି,୧୦।୩(ଡି.ଏନ୍.ଏ.)

ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ଦୋଳପୂର୍ଣ୍ଣିମାରେ ଠାକୁରଙ୍କ ପାଖରେ ନୂତନ ପଞ୍ଜିକା ପାଠ କରାଯାଇଥିଲା। ଝୁଲଣ ମଣ୍ଡପରେ ଶ୍ରୀରାଧାକୃଷ୍ଣ ଦୋଳି ଖେଳିଥିଲେ। ମହାପ୍ରଭୁଙ୍କୁ ଚଣା ଓ ଶାକର ଭୋଗ ଲାଗି କରାଯିବା ସହିତ ରଙ୍ଗ ଅବିର ଅର୍ପଣ କରାଯାଇଥିଲା। ମାଥାଲପୁଟ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ମଧ ସ୍ୱତନ୍ତ୍ର ପୂଜାନୀତି ହୋଇଥିଲା। ଭାଇଚାରା ବହନ କରୁଥିବା ରଙ୍ଗର ପର୍ବ ହୋଲିକୁ ଦାମନଯୋଡ଼ିବାସୀ ହର୍ଷ ଉଲ୍ଲାସର ସହ ପାଳନ କରିଥିଲେ। ଏହି ଅବସରରେ ଭେଜାପୁଟସ୍ଥିତ ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲା। ମାଥାଲପୁଟ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର ପ୍ରାଙ୍ଗଣରେ ପିଲାମାନେ ପାରମ୍ପରିକ ଦହିହାଣ୍ଡି ଭଙ୍ଗା ନୀତି ପାଳନ କରିଥିଲେ।

## ପାରମ୍ପରିକ ହଳପଡ଼ା ଯାତ୍ରା ଶେଷ

ଚିତ୍ରକୋଣ୍ଡା,୧୦।୩(ଡି.ଏନ୍.ଏ.)

ଆଦିବାସୀ ଅଧୁଷିତ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡ଼ା ପଞ୍ଚାୟତର ଗୌଡ଼ଗୁଡ଼ା ଗ୍ରାମରେ ଆଦିବାସୀଙ୍କ ପାରମ୍ପରିକ ହଳପଡ଼ା ଯାତ୍ରା ପାଳିତ ହୋଇଯାଇଛି। ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା ପରେ ପୂଜାବିଧି ଅନୁସାରେ ଏହା ପାଳିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଉପାଧକ୍ଷ ପଦ୍ମନାଭ ଦାମି, ଦୋରାଗୁଡ଼ା ସରପଞ୍ଚ ଭଗବତୀ ନାୟକ, ନୂଆଗୁଡ଼ା ସରପଞ୍ଚ ଶଶୀ ଖିଲ, ଗୁଣ୍ଡାୱାଡା ସରପଞ୍ଚ ତ୍ରିନାଥ କ୍ରିସାନି, ବିଧାୟକଙ୍କ ପ୍ରତିନିଧି ଅମିତ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଯାତ୍ରା ଦେଖିବାକୁ ବହୁ ଜନସମାଗମ ହୋଇଥିଲା। ମନ୍ଦିରର ଉନ୍ନତୀକରଣ ଏବଂ ହଳପଡ଼ା ଯାତ୍ରା ପଡ଼ିଆର ବିକାଶ ନିମନ୍ତେ ପଦକ୍ଷେପ ନେବେ ବୋଲି ବ୍ଲକ ଅଧକ୍ଷା ଖିଲ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଆଦିବାସୀ ନାଟକ ମଞ୍ଚସ୍ଥ ହୋଇଥିଲା।ଯାତ୍ରାକୁ ହଳପଡ଼ା ଯାତ୍ରା କମିଟି ପରିଚାଳନା କରିଥିଲା।



ଯାତ୍ରାରେ ସାମିଲ ହୋଇଥିବା ବ୍ଲକ ଅଧକ୍ଷାଙ୍କ ସମେତ ଅନ୍ୟମାନେ।

## ମନ୍ଦିରରେ କଳାକନା ବୁଲାଇଲେ ଚୋର

- ମା' ବୁଢ଼ୀ ଠାକୁରାଣୀ ମନ୍ଦିରରୁ ସୁନା ଅଳଙ୍କାର ଚୋରି

ନାରାୟଣପାଟଣା,୧୦।୩(ଡି.ଏନ.ଏ.)

ନାରାୟଣପାଟଣା ବ୍ଲକର ମା ବୁଢ଼ୀ ଠାକୁରାଣୀ ମନ୍ଦିରରୁ ଗୁରୁବାର ମଧରାତ୍ରିରେ କେତେଜଣ ଦୁର୍ବୃତ୍ତ ପଶି ମନ୍ଦିରର ସିସି କ୍ୟାମେରା ଭାଙ୍ଗି ଟଙ୍କା ସହ ସୁନା ଅଳଙ୍କାର ଚୋରି କରି ନେଇଯାଇଛନ୍ତି। ଏପରିକି ଚୋରମାନେ ସବୁ ପୂଜା ସାମଗ୍ରୀ, ଦାନହୁଣ୍ଡି ଭାଙ୍ଗି ଦାନ ଅର୍ଥରାଶି ମଧ ନେଇଯିବାକୁ ପଛାଇନାହାନ୍ତି । ସକାଳେ ମନ୍ଦିର ପୂଜକ ଶିବାଜୀ ଦ୍ୱାର ଖୋଲିବା ପରେ ମା'ଙ୍କ ଅଳଙ୍କାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ସଙ୍ଗେ ସଙ୍ଗେ ମନ୍ଦିର କମିଟି ସଭାପତି ପି.ନବୀନଙ୍କୁ ଜଣାଇଥିଲେ। ପରେ ନବୀନ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମନ୍ଦିରର ସିସି କ୍ୟାମେରାକୁ ଯାଞ୍ଚ କରାଯଇଥିଲା। କୋରାପୁଟରୁ ମଧ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରିଥିଲେ। ମନ୍ଦିରର ଦୁଇ ପୂଜକ ଶିବାଜୀ ଓ ଗୌରୀଙ୍କ ଉପରେ ସନ୍ଦେହକରି ପୋଲିସ ଉଭୟଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛନ୍ତି।

## ୨ ଜିଲାର ୮୬ କେନ୍ଦ୍ରରେ ୮୪୮ ପରୀକ୍ଷାର୍ଥୀ ଅନୁପସ୍ଥିତ

- ମାଟ୍ରିକ ପରୀକ୍ଷା
- କୋରାପୁଟ ଜିଲାରେ ପରୀକ୍ଷା ଦେଇଛନ୍ତି ୧୬ହଜାର ୨୩୮

କୋରାପୁଟ/ନନ୍ଦପୁର/କୋରୁକୋଣ୍ଡା, ୧୦।୩(ସ୍ୱ.ପ୍ର./ଡି.ଏନ.ଏ.)

ଶୁକ୍ରବାରଠାରୁ ରାଜ୍ୟରେ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ପ୍ରଥମ ଦିନରେ ୮୦ ପରୀକ୍ଷାକେନ୍ଦ୍ରରେ ୧୬ ହଜାର ୨୩୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ତେବେ ପ୍ରଥମ ଦିନରେ ବିଭିନ୍ନ କେନ୍ଦ୍ରରେ ୭୧୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ କହିଛନ୍ତି। ଜିଲାରେ ଉପରୋକ୍ତ ପରୀକ୍ଷା କେନ୍ଦ୍ରଗୁଡିକରେ ୧୬ ହଜାର ୯୫୪ ଜଣ ପରୀକ୍ଷା ଦେବାକୁଥିବାବେଳେ ସେଥିରୁ ୧୬ ହଜାର ୨୩୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ସହ ପରିଚାଳନା ଏବଂ କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ବୋର୍ଡ, ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍କ୍ୱାଡ୍ ଗଠିତ ହୋଇଛି । ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ଶିକ୍ଷା ଅଧିକାରୀ ନାହାକ ସୂଚନା ଦେଇଛନ୍ତି। ପରୀକ୍ଷା ନିମନ୍ତେ ଜିଲାର ୧୦ଟି ସ୍ଥାନରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବରେ ରଖାଯିବା ନେଇ ବ୍ୟବସ୍ଥା ହୋଇଛି। ସେଥିରୁ ନାରାୟଣପାଟଣା, ବନ୍ଧୁଗାଁ, ପାଡୁଆ, ପଟ୍ଟାଙ୍ଗି ଓ ଲମତାପୁଟ ଆଦି ୫ଟି ଥାନାରେ ପ୍ରଶ୍ନପତ୍ର ରଖାଯାଇଥିବାବେଳେ ୫ଟି ସ୍କୁଲରେ ମଧ ପ୍ରଶ୍ନପତ୍ର ରଖାଯିବା ବ୍ୟବସ୍ଥା କରାଯାଇଛି। ସେହିପରି ଏହି ପ୍ରଶ୍ନପତ୍ର ୮୦ଟି ପରୀକ୍ଷା କେନ୍ଦ୍ରକୁ ନେବା ପାଇଁ ୧୦ଟି ଟିମ୍ ଗଠନ କରାଯାଇଛି। ଟିମ୍ ନିଜ ଦାୟିତ୍ୱରେ ପ୍ରଶ୍ନପତ୍ର ନେଇ ସ୍କୁଲଗୁଡ଼ିକରେ ପହଞ୍ଚାଉଛନ୍ତି।

ନନ୍ଦପୁର ବ୍ଲକରେ ୨୧ ଓ ଲମତାପୁଟ ବ୍ଲକରେ ହୋଇଥିବା ୨ଟିପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ପ୍ରଥମ ଦିନରେ ୪୬ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଜଣେ ଅବର୍ଜଭର ନିଯୁକ୍ତି ହୋଇଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ନନ୍ଦପୁର ତହସିଲଦାର ନରସିଂହ ଗାଦବା ଓ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ରହିଛନ୍ତି ବୋଲି ବ୍ଲକ ଶିକ୍ଷାଧିକାରୀ ଦଇତାରି ଦାସ ସୂଚନା ଦେଇଛନ୍ତି।

ମାଲକାନଗିରି ଜିଲା କୋରୁକୋଣ୍ଡା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୬୧ ମଧ୍ୟରୁ ୧୫୫ ଜଣ ପରୀକ୍ଷା ଦେଇଥିଲେ। ୬ ଜଣ ଅନୁପସ୍ଥିତ ଥିଲେ। ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଧାର୍ଯ୍ୟ ହୋଇଥିବା ବେଳେ ୧୧୮ ଜଣ ପରୀକ୍ଷା ଦେଇଥିଲେ। ୧୦୨ ଜଣ ଅନୁପସ୍ଥିତ ଥିଲେ। ସେହିପରି ବାଲିମେଳା ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୨ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୩୮ଜଣ ପରୀକ୍ଷା ଦେଇଥିଲେ। ୪ଜଣ ଅନୁପସ୍ଥିତ ଥିଲେ। ଏଠାରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅଲେଖ ଚନ୍ଦ୍ର ପ୍ରଧାନ ଦାୟିତ୍ୱରେ ଅଛନ୍ତି। ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୬୭ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୫୫ଜଣ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିଲେ। ୧୨ ଜଣ ଅନୁପସ୍ଥିତ ଥିଲେ। ଏଠାରେ ସୁପରିଣ୍ଟେଣ୍ଟେ ରୂପେ ଭାବେ ଅଜୟ ନାୟକ ଓ ଡେପୁଟି ସୁପରିଣ୍ଟେଣ୍ଡେ ରୂପେ ସରୋଜ ସାମଲ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ନୀଳାଦ୍ରୀନଗର ଉଚ୍ଚ ବିଦ୍ୟାଳୟରେ ୧୧୧ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୧୦୭ ଜଣ ପରୀକ୍ଷା ଦେଇଥିଲେ। ୪ଜଣ ଅନୁପସ୍ଥିତ ଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଭାବେ ଯଦୁମଣି ପ୍ରଧାନ ଦାୟିତ୍ୱରେ ଅଛନ୍ତି। ସେହିପରି ତାର୍ଲାକୋଟା ବିଦ୍ୟାଳୟରେ ୨୪୫ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ୨୩୧ଜଣ ପରୀକ୍ଷା ଦେଇଛନ୍ତି। ୧୪ ଜଣ ଅନୁପସ୍ଥିତ ଥିଲେ। ଏଠାରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବେ ତପସ୍ୱିନୀ କୁଆଁର ଦାୟିତ୍ୱରେ ଅଛନ୍ତି।

